

ମଣିଷ ଜନ୍ମ ଦୁର୍ଲଭ। ଏହି ଜନ୍ମରେ ଯିଏ ଭଗବାନଙ୍କୁ ଲାଭ କରିବା ପାଇଁ ଚେଷ୍ଟା ନ କରେ ତା'ର ଜନ୍ମ ବୃଥା।
- ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ



### ଅଶୋକଙ୍କୁ ମାର୍ଷ୍ଟସ ଅଫ୍ ଓଡ଼ିଶା ସମ୍ମାନ

ଦାମନଯୋଡ଼ି, ୪।୧୦(ଡି.ଏନ୍.ଏ): ଚଳିତ ବର୍ଷ କଟକ କ୍ଲବ୍‌ଠାରେ କୁମାର ଲାଇଟ୍ସର ୩୫ତମ ବାର୍ଷିକ ଉତ୍ସବ ଅବସରରେ ମଞ୍ଚନାଟ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଶୋକ କରଙ୍କୁ ମାର୍ଷ୍ଟସ ଅଫ ଓଡ଼ିଶା ସମ୍ମାନରେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ବାଙ୍କି ବିଧାୟକ ପ୍ରଭାତ ତ୍ରିପାଠୀ, ସଙ୍ଗୀତ ନାଟକ ଏକାଡେମୀ ପୂର୍ବତନ ସଚିବ ଚିତ୍ତରଞ୍ଜନ ମାଲିଆ, କଟକ କ୍ଲବ୍ ସଚିବ ଦେବାନନ୍ଦ ମହାପାତ୍ର ଅତିଥି ଭାବେ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଛାତ୍ର ଜୀବନରୁ ନାଟକ ସହିତ ଜଡ଼ିତ ଅଶୋକ ୧୯୮୭ରୁ ନିରନ୍ତର ଓଡ଼ିଆ ନାଟକର ପ୍ରଚାର ପ୍ରସାର ସହ ମଞ୍ଚଶିଳ୍ପୀ ଓ ଆଲୋକ ସଞ୍ଚାଳକ ଭାବେ ଓଡ଼ିଶା ତଥା ବାହାରେ କାମକରି ଆସୁଛନ୍ତି। ଓଡ଼ିଶାର କଳା ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କଟକର କୁମାର ଲାଇଟ୍ସ ପ୍ରତିବର୍ଷ ତାର ପ୍ରତିଷ୍ଠା ଦିବସ ଅବସରରେ ଅନନ୍ୟ ପ୍ରତିଭାଙ୍କୁ ମାର୍ଷ୍ଟସ ଅଫ ଓଡ଼ିଶା ସମ୍ମାନ ଦେଇଥାଏ।

### ଆୟୁଷ୍ମାନ ଭାରତ ଯୋଜନାର ଦସ୍ତଖତ ଅଭିଯାନ

ନନ୍ଦପୁର,୪।୧୦(ଡି.ଏନ.ଏ.):କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ପାଡୁଆ ମଣ୍ଡଳ ଭାଜପା ସଭାପତି ବିଶ୍ୱନାଥ ମାଝିଙ୍କ ସଭାପତିତ୍ୱରେ ଆୟୁଷ୍ମାନ୍ ଭାରତ ଯୋଜନା ଦସ୍ତଖତ ଅଭିଯାନ ପାଡୁଆ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଛି। ଏହି ଅଭିଯାନରେ ସମସ୍ତ ଶକ୍ତି କେନ୍ଦ୍ର ସଭାପତି ଓ ପ୍ରଭାରୀ ସାମିଲ ଥିଲେ। ଜିଲା ସାଧାରଣ ସମ୍ପାଦକ ଭଗବାନ ପେଟିଆ, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ବିଶ୍ୱନାଥ ଶିଶା, ଜିଲା ସମ୍ପାଦକ ଜୟରାମ ଭୋଇ, ଭାଜପା ନେତା ରାମଚନ୍ଦ୍ର ପାଙ୍ଗି, ଧନୁର୍ଜୟ ମୁଦୁଲି, ଶକୁ ଖିଲ, ଆଟୁଲ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯାନରେ ଅଞ୍ଚଳର ଶତାଧିକ ଲୋକ ସାମିଲ ହୋଇ ଦସ୍ତଖତ କରିଥିଲେ। ବିଜେଡି ସରକାର ଯୋଗୁ ଆୟୁଷ୍ମାନ ଯୋଜାନର ସୁଫଳ ଲୋକଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଫଳରେ ଅନେକ ଲୋକ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଜିଲା ସାଧାରଣ ସମ୍ପାଦକ ଭଗବାନ ପେଟିଆ କହିଛନ୍ତି।

### ଚନ୍ଦ୍ରଶେଖର ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳର କୋଚ



କୋରାପୁଟ,୪।୧୦(ସ୍ୱ.ପ୍ର.): କୋରାପୁଟ ଦୃଷ୍ଟିହୀନ ବିଦ୍ୟାଳୟର ଶିକ୍ଷକ ଚନ୍ଦ୍ରଶେଖର ପଟ୍ଟନାୟକ ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳର କୋଚ ଭାବେ ମନୋନୀତ ହୋଇଛନ୍ତି। ଚଳିତ ଅକ୍ଟୋବର ୮ରୁ ଗୋଆଠାରେ ଭାରତ, ଇଂଲଣ୍ଡ ଏବଂ ଶ୍ରୀଲଙ୍କା ମଧ୍ୟରେ ତ୍ରିକୋଣୀୟ କ୍ରିକେଟ ଟୁର୍ନାମେଣ୍ଟ ଖେଳାଯିବ। ଏଥିରେ ଚନ୍ଦ୍ରଶେଖର ପଟ୍ଟନାୟକଙ୍କୁ ଭାରତୀୟ ଦଳର କୋଚ ଭାବେ ମନୋନୀତ କରାଯାଇଛି। କୋରାପୁଟର ସୁଖରାମ ମାଝି ଓ ନକୁଳ ବଡ଼ନାୟକ ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳରେ ସ୍ଥାନ ପାଇଥିବା ବେଳେ ଏବେ ତାଙ୍କର କୋଚ ଚନ୍ଦ୍ରଶେଖର ପଟ୍ଟନାୟକ କୋଚ ଭାବେ ମନୋନୀତ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି।

### ଗଞ୍ଜେଇ ଜବତ: ଜଣେ ଅଟକ

କୋରାପୁଟ,୪।୧୦(ସ୍ୱ.ପ୍ର.): କୋରାପୁଟ ଟାଉନ ପୋଲିସ ୧୮ କେଜି ୫୬ ଗ୍ରାମ ଗଞ୍ଜେଇ ଜବତ କରିଛି। ଗୁରୁବାର ଅଟୋ ଯୋଗେ ଦୁଇଟି ବ୍ୟାଗରେ ଗଞ୍ଜେଇ ଜଗଦଲପୁର ଚାଲାଣ କରାଯାଉଥିବା ବେଳେ ଏସ୍ଆଇ ଆର.କେ. ଦେବତା ଚଢ଼ାଉ କରିଥିଲେ। ସ୍ଥାନୀୟ ମୃତ୍ତିକା ସଂରକ୍ଷଣ କଲୋନୀ ନିକଟ ୨୬ ନଂ ଜାତୀୟ ରାଜପଥରୁ ଏହା ଜବତ କରାଯାଇଥିବା ବେଳେ କୋରାପୁଟ ସହର କୋଲାବ କଲୋନୀର ଇସମାଇଲ ଖୋସ୍ଲା (୨୨)ଙ୍କୁ ଅଟକ ରଖାଯାଇଛି। ଏନେଇ ଟାଉନ ଥାନାରେ ୨୦୬/୨୦୧୮ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

■ ପ୍ରାର୍ଥିପତ୍ର ନାକଚହେବାରୁ ମହିଳା ମହାବିଦ୍ୟାଳୟରେ ଉତ୍ତେଜନା

# ଗେଟ୍‌ରେ ତାଲା ମାରି ଟାୟାର ଜାଳିଲେ ଛାତ୍ରୀ

ଜୟପୁର,୪।୧୦(ଡି.ଏନ୍.ଏ./ନି.ପ୍ର.)

ଜୟପୁର ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ପାଇଁ ତ୍ରିମୁଖୀ ଲଢ଼େଇ ହେବ। ସରକାରୀ ମହିଳା ମହାବିଦ୍ୟାଳୟରେ ସଭାପତି ପଦ ପାଇଁ ଜଣେ ମାତ୍ର ପ୍ରାର୍ଥୀ ଥିବାରୁ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସେ ସଭାନେତ୍ରୀ ହେବା ନିଶ୍ଚିତ ହୋଇଛି। ଗୁରୁବାର ପୂର୍ବାହ୍ନରେ ଯୋଗ୍ୟ ପ୍ରାର୍ଥୀଙ୍କ ସୂଚୀ ନୋଟିସ ବୋର୍ଡ଼ରେ ଟଙ୍ଗାଯିବା ପରେ ଏହା ସ୍ପଷ୍ଟ ହୋଇଛି। ତେବେ ମହିଳା ମହାବିଦ୍ୟାଳୟରେ ଏହିକ୍ରମରେ ଉତ୍ତେଜନା ପରିସ୍ଥିତି ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟରେ ସଭାପତି ପାଇଁ ୩ ଜଣ, ସାଧାରଣ ସଂପାଦକ ଜଣେ ଏବଂ ଉପସଭାପତି ୨ଜଣଙ୍କ ମଧ୍ୟରୁ ସଭାପତି ପ୍ରାର୍ଥୀ ଭାବେ କେବଳ ଝୁନୁ ହରିଜନଙ୍କ ପ୍ରାର୍ଥିପତ୍ର କାୟମ ରହିଥିଲା। ଉପସ୍ଥାନ କମ୍ ଥିବା ଯୋଗୁ ଅନ୍ୟ ତିନୋଟି ପଦବୀର ୫ ଜଣ ପ୍ରାର୍ଥୀ ନାକଚ ହୋଇଥିଲେ। ମହାବିଦ୍ୟାଳୟ କର୍ତ୍ତୃପକ୍ଷ ପାତରଅନ୍ତର କରିବା ସହ ତାଙ୍କ ଉପସ୍ଥାନକୁ କମାଇ ଦେଇଛନ୍ତି ବୋଲି ଅଭିଯୋଗ କରିଥିଲେ ଜଣେ ସଭାନେତ୍ରୀ ପ୍ରାର୍ଥୀ। ତାଙ୍କୁ ପ୍ରତିଦ୍ୱନ୍ଦ୍ୱିତା ପାଇଁ ସୁଯୋଗ ଦିଆଯାଉ, ନଚେତ ନିର୍ବାଚନକୁ ବାତିଲ କରାଯାଉ। ଏହି ଦାବିକରି ସେ ଓ ତାଙ୍କ ସମର୍ଥକ ମହାବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇବା ସହ ଟାୟାର ଜାଳି ବିରୋଧ ପ୍ରଦର୍ଶନ କରିଥିଲେ। ଖବରପାଇ ଘଟଣାସ୍ଥଳରେ ଟାଉନଥାନା ପୋଲିସ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାଶୁଝା କରିଥିଲେ।

ଅନ୍ୟପକ୍ଷରେ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଭିନ୍ନ ପଦବୀ ପାଇଁ ୨୧ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ସଭାପତି ପଦବୀ ପାଇଁ ପିୟୁଷ ପଟ୍ଟନାୟକ, ରମେଶ ଚନ୍ଦ୍ର ହରିଜନ, ସନ୍ଦିପ ମଲ୍ଲିକ, ସାଧାରଣ ସଂପାଦକ ପାଇଁ ବାସନ୍ତି ଖରା, ପି. ଭାରତ କୁମାର, ସୁମନ ସାହୁ, ସହ ସଂପାଦକ ପାଇଁ ଭାରତ ଅଗ୍ରୱାଲ ଏବଂ ରାହୁଲ ମାଝିଙ୍କ ପ୍ରାର୍ଥିପତ୍ର କାୟମ ରହିଛି। ଜଣେ ବ୍ୟାକ ପେପର, ଜଣେ ଗତଥର ପ୍ରାର୍ଥୀ ହୋଇଥିବା ବେଳେ ଅନ୍ୟ ୧୧ ଜଣଙ୍କର ପ୍ରାର୍ଥିପତ୍ର କମ୍ ଉପସ୍ଥାନ ଯୋଗୁଁ ନାକଚ ହୋଇଥିଲା। ମହିଳା ମହାବିଦ୍ୟାଳୟର ସଭାନେତ୍ରୀ ପଦ ପାଇଁ ଝୁନୁ ହରିଜନ ନିର୍ଦ୍ୱନ୍ଦ୍ୱ ରହିବା ପରେ ତାଙ୍କୁ ବିଧାୟକ ତାରାପ୍ରସାଦ ବାହିନୀପତି ନିଜ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି।



ଜୟପୁରସ୍ଥିତ ମହିଳା ମହାବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଟାୟାର ଜାଳିଛନ୍ତି ଛାତ୍ରୀ।

**ବିକ୍ରମଦେବ କଲେଜ**
■ସଭାପତି ପାଇଁ ତ୍ରିମୁଖୀ ଲଢ଼େଇ

**ମହିଳା ମହାବିଦ୍ୟାଳୟ**
■ଝୁନୁ ନିର୍ଦ୍ୱନ୍ଦ୍ୱରେ ସଭାପତି ହେବା ନିଶ୍ଚିତ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିଜକୁ ପଡ଼ିଲେ ପ୍ରମାଦ
ଗୁରୁ ବ୍ରାହ୍ମଣ ଶିରଚ୍ଛେଦ।**

ନିଜ ଉପରେ ପ୍ରମାଦ ପଡ଼ିଲେ ସମସ୍ତେ ନିଜ ପ୍ରକୃତ ଚରିତ୍ର ଦେଖାଇଥାନ୍ତି। ଯେତେବେଳେ ନିଜ ଉପରକୁ କୌଣସି ବଡ଼ ଆକାରର ବିପଦ ପଡ଼େ ସେତେବେଳେ ବ୍ୟକ୍ତି ସେଥିରୁ ବର୍ତ୍ତିବା ବା ଉଦ୍ଧାର ପାଇବା ପାଇଁ ଯେକୌଣସି ସ୍ତରକୁ ମଧ୍ୟ ଖସିଯାଇଥାଏ। ଏପରିକି ଅନ୍ୟକୁ ହାଣମୁହଁକୁ ପଠାଇଦେବାକୁ ମଧ୍ୟ ତିଳେମାତ୍ର ଶଙ୍କାବୋଧ କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଜ ରକ୍ଷଣ ଅସମ୍ଭବ
ସେ କାହୁଁ ଆମକୁ ରଖିବ ?**

ଯିଏ ଦୃଢ଼ କି ମଜଭୁତ୍ ନୁହେଁ ବା ଯାହାର କୌଣସି ସ୍ଥାୟିତ୍ୱ ନ ଥାଏ ସେ କାହାରି ଉପକାରରେ ଆସି ପାରି ନ ଥାଏ। ପରିସ୍ଥିତି ଯାହାର ଅଣାୟତ୍ତ ତା'ଠାରୁ କୌଣସି ପ୍ରକାର ସାହାଯ୍ୟ ସହାନୁଭୂତିର ଆଶା ରଖିବା ନିରର୍ଥକ ସାବ୍ୟସ୍ତ ହୋଇଥାଏ। ଯାହାର ସ୍ଥିତି ଦୁର୍ବଳ ସିଏ ଅନ୍ୟକୁ କିପରି ସୁରକ୍ଷା ଦେଇପାରିବ ସେ ନେଇ ମନରେ ପ୍ରଶ୍ନବାଚୀ ସୃଷ୍ଟିହେବା ଯଥାର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ୧୭ ପ୍ରାର୍ଥିପତ୍ରରୁ ୫ ନାକଚ

■ ସଭାପତି ଦୌଡ଼ରେ ୫, ସମ୍ପାଦକ ପାଇଁ ୩ ପ୍ରାର୍ଥୀ

**କୋରାପୁଟ ସରକାରୀ କଲେଜ**

କୋରାପୁଟ,୪।୧୦(ସ୍ୱ.ପ୍ର.)

କୋରାପୁଟ ସରକାରୀ ମହାବିଦ୍ୟାଳୟର ମୋଟ ୧୭ ଜଣ ଛାତ୍ରୀଛାତ୍ର ନାମାଙ୍କନ କରିଥିବାବେଳେ ଗୁରୁବାର ଯାଞ୍ଚ ପରେ ସେଥିରୁ ୫ଟି ନାକଚ ହୋଇଛି। ବର୍ତ୍ତମାନ ସଭାପତି ପାଇଁ ୫ ଜଣ ନିର୍ବାଚନ ରଣାଙ୍ଗନରେ ରହିଥିବାବେଳେ ସଂପାଦକ ପାଇଁ ୩ ଜଣ ପ୍ରାର୍ଥୀ ରହିଛନ୍ତି। ଛାତ୍ର ସଂସଦ ସଭାପତି ପାଇଁ ଆଦିତ୍ୟ ନାରାୟଣ ସାହୁ, ହୃଷିକେଶ ମଣ୍ଡଳ, ରାକେଶ ବିଶୋଇ, ରଣଜିତ ବାକା, ସୁନିଲ ଖୋସଲା ଏବଂ ସଂପାଦକ ପାଇଁ ସିମରନ ଖରା, ତୁମେଶ୍ୱର ନାୟକ, ସହଦେବ ଖରାଙ୍କ ପ୍ରାର୍ଥିପତ୍ର କାୟମ ରହିଛି। ଉପସଭାପତି ପାଇଁ ଖିଦମ କୁମାର, କ୍ରୀଡ଼ା ସଂପାଦକ ପାଇଁ ଅଜିତ ନାୟକ, କମନ ରୁମ ସଂପାଦକ ପାଇଁ କାର୍ତ୍ତିକ ଶିଶା, ନାଟ୍ୟ ସଂପାଦକ ପାଇଁ ସ୍ୱରାଜ ନାୟକଙ୍କ ନାମାଙ୍କନ ପତ୍ର କାଏମ ରହିଛି। ଏହି ସବୁ ପଦବୀରେ ସେମାନେ ଏକମାତ୍ର ପ୍ରାର୍ଥୀ ରହିଥିବାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି। ଆସନ୍ତା ୧୧ରେ ଛାତ୍ର ସଂସଦ ପାଇଁ ଭୋଟ ଗ୍ରହଣ କରାଯିବ ବୋଲି ନିର୍ବାଚନ ଅଧିକାରୀ ଡ. କୈବଲ୍ୟ କୁମାର ବେହେରା ପ୍ରକାଶ କରିଛନ୍ତି।

## ସେମିଳିଗୁଡ଼ା ମହାବିଦ୍ୟାଳୟରେ ସଭାପତି ପାଇଁ ତ୍ରିମୁଖୀ ଲଢ଼େଇ

ସେମିଳିଗୁଡ଼ା,୪।୧୦(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡ଼ା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ ପ୍ରକ୍ରିୟା ବୁଧବାର ସରିଛି। ଗୁରୁବାର କେତେକ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରିନେବା ପରେ ପ୍ରାର୍ଥିପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଛାତ୍ର ସଂସଦ ଉପଦେଷ୍ଟା ଝାନ୍ସୀ ସିଂହଙ୍କ ସୂଚନା ଅନୁସାରେ, ସଭାପତି ପଦ ପାଇଁ ଜଣେ ଛାତ୍ରୀ କ୍ରୀଷ୍ଣା ପାତ୍ର ଏବଂ ଦୁଇଜଣ ଛାତ୍ର ହରିଶ ଖେମୁଣ୍ଡୁ ଏବଂ ଭଗବାନ ଜେନାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। କିନ୍ତୁ ଅନ୍ୟ ପଦବୀଗୁଡ଼ିକରେ ପ୍ରତିଦ୍ୱନ୍ଦ୍ୱିତା ନ ଥିବାରୁ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଉପସଭାପତି ଭାବେ ନୀଳକଣ୍ଠ ମୁଗୁଲ୍ , ସମ୍ପାଦକ ଭାବେ କବିରାଜ ସାଉନ୍ତା, କ୍ରୀଡ଼ା ସଂସଦ ସମ୍ପାଦକ ଭାବେ ବିଶ୍ୱ ନାଥ ଖରା ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟ ଲାଭ କରିଛନ୍ତି। ଅଧ୍ୟକ୍ଷ କାବେରୀ ବିଶ୍ୱାଳ କଲେଜ ପରିସରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ଅନୁରୋଧ କରିଛନ୍ତି। ରମାରଞ୍ଜନ ପଟ୍ଟନାୟକ ଏବଂ ନୀଳାଞ୍ଚଳ ଆଚାର୍ଯ୍ୟ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହୋଇ ଭୋଟ ଦେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି।

## ୧୭୬୦ ହିତାଧିକାରୀଙ୍କୁ ଖାଉଟି କାର୍ଡ଼

ଜୟପୁର,୪।୧୦(ନି.ପ୍ର.):

ଜୟପୁର ବ୍ଲକରେ ଗୁରୁବାର ଖାଉଟି କାର୍ଡ଼ ବଣ୍ଟନ କରାଯାଇଛି। ବ୍ଲକ ଅଧୀନରେ ଥିବା ୨୨ଟି ପଞ୍ଚାୟତର ହିତାଧିକାରୀଙ୍କୁ ଏହି କାର୍ଡ଼ ମିଳିଛି। କୋରାପୁଟ ଏମ୍‌ପି ଝିନ୍ନ ହିକକା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବାଗଡେରିଆ, ଉପାଧ୍ୟକ୍ଷ ଈଶ୍ୱର ବାଘ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନୀ, ଜିଲା ପରିଷଦ ସଭ୍ୟ ମନଧର ଗାଦବା, ବିଦ୍ୟୁରାଣୀ ମିଶ୍ର, ବିଡିଓ ଟି.ଏସ୍. ଦିବାକର, ଯୋଗାଣ ନିରୀକ୍ଷକ ବିଶ୍ୱଭୂଷଣ କର ଉପସ୍ଥିତ ଥିଲେ।

## ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ୧୦୬୨ ହିତାଧିକାରୀ ସାମିଲ

ଦଶମନ୍ତପୁର,୪।୧୦(ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଗୁରୁବାର ହିତାଧିକାରୀମାନଙ୍କୁ ଖାଉଟି କାର୍ଡ ପ୍ରଦାନ କରାଯାଇଛି। ଯୋଗାଣ ନିରୀକ୍ଷକ ପ୍ରଭାସ ରଞ୍ଜନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବଳରାମ ମୁଦୁଲି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ନରସିଂହ ପଟ୍ଟନାୟକ, ଜିଆରଏସ ଭୁବନ ନାୟକ, ପିଣ୍ଡାପଦର ଗ୍ରାମପଞ୍ଚାୟତ ଲାଜର ଟାକ୍ରି, ହିରୋଜ ଖୋସଲାଙ୍କ ସମେତ ୧୬ଟି ପଞ୍ଚାୟତର ୧୦୬୨ ହିତାଧିକାରୀ ଯୋଗ ଦେଇଥିଲେ। ଏହି ସମସ୍ତ ହିତାଧିକାରୀଙ୍କୁ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ସେହିପରି ଦଶମନ୍ତପୁର ଗ୍ରାମପଞ୍ଚାୟତରେ ମୋଟ ୧୬୫ଜଣ ହିତାଧିକାରୀ ଖାଦ୍ୟସୁରକ୍ଷା ଯୋଜନାରେ ନିଜ ନାମ ପଞ୍ଜୀକରଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୧୫ଜଣ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତର ପ୍ରଥମ ପର୍ଯ୍ୟାୟରେ ମୋଟ ୧୫୫ଜଣ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରାଯାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଏହା ପ୍ରଦାନ କରାଯିବ ବୋଲି ଯୋଗାଣ ନିରୀକ୍ଷକ ଶତପଥୀ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ପଞ୍ଚାୟତର ଯୋଗାଣ ସହାୟକ ଆଶିଷ କୁମାର ଖରା ପରିଚାଳନା କରିଥିଲେ।

## ବନ୍ୟଜୀବ ସପ୍ତାହ ପାଇଁ ସଚେତନତା ଶୋଭାଯାତ୍ରା

କୋରାପୁଟ,୪।୧୦(ସ୍ୱ.ପ୍ର.)

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁରୁବାର ବନ୍ୟଜୀବ ସପ୍ତାହ ପାଳନ ଅବସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଚେତନତା ଶୋଭାଯାତ୍ରା କରାଯାଇଛି। ଷ୍ଟେସନ ଛକରୁ ବାହାରିଥିବା ଏହି ପଦଯାତ୍ରାରେ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତିଙ୍କ ସହ ରେଜିଷ୍ଟ୍ରାର ଅସିତ ଦାସ, ବିଶ୍ୱବିଦ୍ୟାଳୟ ଲୋକ ସଂପର୍କ ଅଧିକାରୀ ଫଗୁନାଥ ଭୋଇ, ଓଏସ୍‌ଡି ଭବାନି ପ୍ରସାଦ ରଥ ସାମିଲ ଥିଲେ। ଆଦିବାସୀ ସଂଗ୍ରହାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ 'ବନ୍ୟଜୀବଙ୍କ ଗୁରୁତ୍ୱ, ବିପଦ, ସଂରକ୍ଷଣ ଓ ଏହାର ଆବଶ୍ୟକତା' ଶୀର୍ଷକ ଆଲୋଚନା ସଭା ହୋଇଥିଲା। ମଣିଷର ଅସ୍ତିତ୍ୱ ପ୍ରକୃତି ଓ ପରିବେଶ ସୁରକ୍ଷା ଉପରେ ନିର୍ଭର କରୁଛି। ତେଣୁ ଏହାର ସୁରକ୍ଷା ପାଇଁ ଆମକୁ ସମର୍ପିତ ହେବାକୁ ହେବ ବୋଲି କୁଳପତି କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜୟପୁରସ୍ଥିତ ଅତିରିକ୍ତ ବନଖଣ୍ଡ ଅଧିକାରୀ ଏମ୍. ମୋତିଲାଲ, ପ୍ରଗତି ସଂପାଦକ ପ୍ରଭାକର ଅଧିକାରୀ, କୋଟସ ନିର୍ଦ୍ଦେଶକ ପି.ସି. ମହାପାତ୍ର ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ଶରତ ପାଲିତା ଉପସ୍ଥିତ ଥିଲେ। ଡ. ଦେବବ୍ରତ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା ଓ ଶେଷରେ କାକଳୀ ବାନାର୍ଜୀ ଧନ୍ୟବାଦ ଦେଇଥିଲେ।



ବୈଠକରେ କାକିରିଗୁମ୍ମା ଅଞ୍ଚଳର ବୁଦ୍ଧିଜୀବୀ।

■ ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ, ବଢୁଥିବା ଟ୍ରାଫିକ ସମସ୍ୟାର ପ୍ରତିବାଦ

# କାକିରିଗୁମ୍ମା ୧୨ ଘଣ୍ଟା ବନ୍ଦ

ଲକ୍ଷ୍ମୀପୁର, ୪।୧୦

ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ଅଞ୍ଚଳରେ ଦିନକୁ ଦିନ ପ୍ରଦୂଷଣ ଓ ବଢୁଥିବା ଟ୍ରାଫିକ ସମସ୍ୟା ପ୍ରତିବାଦରେ ଗୁରୁବାର ୧୨ ଘଣ୍ଟିଆ କାକିରିଗୁମ୍ମା ବନ୍ଦ ପାଳନ ସହ ଏକ ସଚେତନତା ବୈଠକ କରାଯାଇଛି। କାକିରିଗୁମ୍ମା ଆଞ୍ଚଳିକ ଜନମଞ୍ଚ ଅଞ୍ଚଳ ଅଧିବାସୀ, ବୁଦ୍ଧିଜୀବୀ ଏବଂ ବରିଷ୍ଠ ନାଗରିକ ଏହି ବନ୍ଦ ପାଳନ ବେଳେ ଉପସ୍ଥିତ ଥିଲେ। ବେଦାନ୍ତ ପାଇଁ ବକ୍ସାଇଟ୍ ପରିବହନ କରୁଥିବା ମୈତ୍ରୀ କମ୍ପାନୀର ଶହଶହ ଟ୍ରକ କାକିରିଗୁମ୍ମା ଦୈନିକ ବଜାର ଦେଇ ରେଲୱେ ଷ୍ଟେଶନରେ କଞ୍ଚାମାଲ ଜମା କରୁଛି। ଫଳରେ ସକାଳୁ ରାତି ପର୍ଯ୍ୟନ୍ତ ଉକ୍ତ ଅଞ୍ଚଳରେ ଧୂଳି ଉଡୁଛି। ଶହ ଶହ ଗାଡି ଚାଲିବା ଦ୍ୱାରା ଟ୍ରାଫିକ ସମସ୍ୟା ମଧ୍ୟ ଉପୁଜୁଛି। ଯଦ୍ୱାରା ସ୍ଥାନୀୟ ଜନସାଧାରଣ ଓ ବିଭିନ୍ନ କାମରେ କାକିରିଗୁମ୍ମାକୁ ଆସୁଥିବା ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ଏତେ ସବୁ ସମସ୍ୟା ଥିଲେ ସୁଦ୍ଧା ପ୍ରଶାସନିକ ସ୍ତରରେ କୌଣସି ଜନଶୁଣାଣି କରାଯାଇ ନାହିଁ। ଏହାଛଡା ଉକ୍ତ ଅଞ୍ଚଳରେ କୌଣସି ଉନ୍ନତିମୂଳକ କାର୍ଯ୍ୟ ମଧ୍ୟ ହେଉନି। ସମସ୍ୟା ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ଓ କମ୍ପାନୀକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। କାକିରିଗୁମ୍ମା ବଜାର କମିଟି, ଅବସରପ୍ରାପ୍ତ କର୍ମଚାରୀ ସଂଘ, ଯୁବକ ସଂଘ, ରାଜମିସ୍ତ୍ରି ସଂଘ ବୈଠକରେ ଉପସ୍ଥିତ ଥିଲେ।

■ ପଞ୍ଚାୟତ ସମିତି ବୈଠକ

## ଅଧିକାରୀଙ୍କ ଅନୁପସ୍ଥିତି ନେଇ ହଙ୍ଗାମା



ପଟ୍ଟାଙ୍ଗି,୪।୧୦(ଡି.ଏନ୍.ଏ.)

ବିଡିଓ କରୁଣାକର ପ୍ରଧାନଙ୍କ ଆହ୍ୱାନ କ୍ରମେ ଗୁରୁବାର ଏଫଆଇସି ସଭାଗୃହରେ ପଟ୍ଟାଙ୍ଗି ପଞ୍ଚାୟତ ସମିତିର ଷଷ୍ଠ ବୈଠକ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗିଙ୍କ ଅଧ୍ୟକ୍ଷତାରେ ଆଲୋଚନା ପୂର୍ବରୁ ନୂଆଗାଁ ସମିତିସଭ୍ୟ ଜି. ଉମାମହେଶ୍ୱର ରାଓ, ସମ୍ବାଇ ସରପଞ୍ଚ ପିଲକ ଗୁଣ୍ଟା ଓ ଅମ୍ବାବାଲି ସମିତିସଭ୍ୟ ସୁବାସ ବଡବୁରା ଅସନ୍ତୋଷ ପ୍ରକାଶ କରିଥିଲେ। ଜୁନ ୨୭ ପଞ୍ଚମ ସମିତି ବୈଠକକୁ ସଦସ୍ୟମାନେ ବର୍ଜନ କରିଥିଲେ। ସମୟ ନିର୍ଦ୍ଧାରଣ କରି ପୁଣିଥରେ ବୈଠକ କରିବାକୁ ବିଡିଓ କହିଥିଲେ ମଧ୍ୟ କାହିଁକି ତାହା କରାଗଲା ନାହିଁ ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ। ଅଟକିଥିବା ଉନ୍ନୟନ କାର୍ଯ୍ୟ ଓ ଶ୍ରମିକଙ୍କ ମଜୁରି ଓ ବକେୟା ବିଲ ମାସକ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ବିଧାୟକ ପ୍ରଫୁଲ୍ଲ ପାଙ୍ଗି କଡ଼ା ତାଗିଦ୍ କରିଥିଲେ। ତଳଗୋଲୁର, ଅମ୍ବାବାଲି ଓ ପେଟୁ ପଞ୍ଚାୟତ ଆନ୍ଧ୍ରୀ ସୀମାନ୍ତରେ ଥିବାବେଳେ ସେଠାରେ ଶିକ୍ଷା ବ୍ୟବସ୍ଥା ଭୁସୁଡ଼ି ପଡ଼ିଥିବା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ପଦ୍ମା ଖରା କହିଥିଲେ। ଏ ବାବଦରେ ଡିଇଓ ଖାମଖିଆଲି ଉତ୍ତର ଦେବା ଠିକ ନୁହେଁ ବୋଲି ଖୋବ ପ୍ରକାଶ କରି ଅଧ୍ୟକ୍ଷ ଜଗତଜ୍ୟାତି ପାଙ୍ଗି କହିଥିଲେ। ଚନ୍ଦକା ପଞ୍ଚାୟତରେ ପାନୀୟ ଜଳ ସମସ୍ୟା କଥା ଉଠାଇଥିଲେ ସମିତି ସଭ୍ୟା କାମିନୀ ଖିଲ। ଏହାକୁ ନେଇ ଗୃହରେ ଉପସ୍ଥିତ ସଦସ୍ୟମାନେ ହଙ୍ଗାମା କରିଥିଲେ। ନୂଆଗାଁ ସମେତ ଅନେକ ପଞ୍ଚାୟତ ଅଧୀନସ୍ଥ ଗ୍ରାମରେ ପାଣି ସମସ୍ୟା ନେଇ ହଙ୍ଗାମା ହୋଇଥିଲା। ବୈଠକରେ ବିଦ୍ୟୁତ, କ୍ଷୁଦ୍ର ଜଳସେଚନ ଓ ଜଙ୍ଗଲ ବିଭାଗ ଅଧିକାରୀ ଅନୁପସ୍ଥିତ ରହୁଥିବା ନେଇ କଡ଼ା ପଦକ୍ଷେପ ନେବାକୁ ସଦର ସରପଞ୍ଚ ଭଗବାନ ଖରା ଦାବି କରିଥିଲେ। ଜିଲା ପରିଷଦ ସଭ୍ୟ ଡୁମୁରି ଖିଲ, ବିଧାୟକ ପ୍ରତିନିଧି ନାଗେଶ ଚୌଧୁରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ ଉପସ୍ଥିତ ଥିଲେ।

■ ବୈପାରୀଗୁଡ଼ାରେ ଖାଉଟି କାର୍ଡ ବଣ୍ଟନ ସଭା

# ଭାଷଣରେ କଥା କଟାକଟି ହେଲେ ଚନ୍ଦ୍ର-ଈଶ୍ୱର

ବୈପାରୀଗୁଡ଼ା୪।୧୦(ଡି.ଏନ୍.ଏ.)

ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ସରୋଜିନୀ କାଣ୍ତିକିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଖାଉଟି କାର୍ଡ଼ ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଛି। ଅତିଥି ଭାବେ କୋଟପାଡ଼ ବିଧାୟକ ଚନ୍ଦ୍ରଶେଖର ମାଝି, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଈଶ୍ୱର ପାଣିଗ୍ରାହୀ, ପୂର୍ବତନ କୋରାପୁଟ ବିଧାୟକ ରଘୁରାମ ପଡାଲ, ରଘୁନାଥ ମାଛ, ବୈପାରୀଗୁଡ଼ା ଜିଲା ପରିଷଦ ଜୋନ୍-୧ ସଭ୍ୟ ପ୍ରଶାନ୍ତ ଗୁପ୍ତା ଓ ଜୋନ ୨ର ହୀରାମଣି ପୂଜାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଈଶ୍ୱର ପାଣିଗ୍ରାହୀଙ୍କ ନାମ ମୁଖ୍ୟ ଅତିଥି ଆସନ ପାଇଁ ଡକାଯିବା କ୍ଷଣି ବିଧାୟକ ଚନ୍ଦ୍ରଶେଖର ମାଝି ସଭାସ୍ଥଳ ଛାଡ଼ିଯିବାକୁ ବସିଥିଲେ। ପରେ ତାଙ୍କ ମନାଯାଇ ମୁଖ୍ୟ ଅତିଥି ଆସନ ଦିଆଯାଇଥିଲା। ଈଶ୍ୱର ନିଜ ବକ୍ତବ୍ୟରେ କହିଥିଲେ ଯେ, ବିଧାୟକ ତାଙ୍କର ଜଣେ ପୁରୁଣା ବନ୍ଧୁ। ଏହି ଇଲାକାର ବିକାଶରେ ଦଳୀୟ ସ୍ୱାର୍ଥର ଉର୍ଦ୍ଧ୍ୱକୁ ଯାଇ ସହଯୋଗ କରିବା ପାଇଁ ସେ କହିଥିଲେ। କୋଟପାଡ଼ ବିଧାୟକପାଲଟା ଆକ୍ରମଣ କରି କହିଥିଲେ, ମନମୋହନ ସିଂ ସରକାର ଅମଳରେ ପରିବାର ପିଛା ୩୫ କେଜି ଚାଉଳ ଦେବାକୁ ନିର୍ଦ୍ଦେଶ ଥିଲା। କିନ୍ତୁ ରାଜ୍ୟ ସରକାର ତାକୁ କମାଇ ୨୫ କେଜି ଓ ପରେ ୫ କେଜି ନିର୍ଦ୍ଧାରଣ କରିବାକୁ ସେ ତୀବ୍ର ସମାଲୋଚନା କରିଥିଲେ। ପରେ ଅତିଥିମାନେ ହିତାଧିକାରୀଙ୍କୁ ଖାଉଟି କାର୍ଡ଼ ବାଣ୍ଟିଥିଲେ। ଏହି ସମାରୋହ ୨ ପ୍ରମୁଖ ରାଜନୈତିକ ଦଳର ନିର୍ବାଚନ ପ୍ରଚାର ସଭା ପାଲଟିଥିଲା। ଯୋଗାଣ ନିରୀକ୍ଷକ ମମତା ବେହେରାଙ୍କ ସୂଚନା ଅନୁସାରେ ୬ ହଜାର ୯୯୫ ହିତାଧିକାରୀଙ୍କୁ କାର୍ଡ ଦେବାକୁ ଟାର୍ଗେଟ୍ ଥିବାବେଳେ ୬ ହଜାର ୮୧୬ ଜଣଙ୍କୁ ଚୂଡାନ୍ତ କରାଯାଇଛି। ବିଡିଓ ସୁବାସ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ହିତାଧିକାରୀଙ୍କୁ କାର୍ଡ ବାଣ୍ଟୁଛନ୍ତି ଅତିଥିମାନେ।

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢାଉ : ୭ ଗିରଫ

ପାରଳାଖେମୁଣ୍ଡି, ୪।୧୦(ସ୍ୱ.ପ୍ର.)- ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ଅଧୀନ ଗୋଲାସାହି ନିକଟରେ ବୁଧବାର ରାତିରେ ପୋଲିସ ଏକ ଜୁଆ ଆଡ୍ଡାରେ ଚଢାଉ କରି ୭ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ନଗଦ ୭ହଜାର ୧୦୦ ଟଙ୍କା, ୪ଟି ମୋବାଇଲ ଫୋନ୍ ଏବଂ ଗୋଟିଏ ବଜାଜ ପଲ୍ସର ବାଇକ ଜବତ ହୋଇଛି। ଏ ନେଇ ପାରଳାଖେମୁଣ୍ଡି ଥାନାରେ କେସ୍ ନଂ. ୧୯୬/୧୮ ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଏଏସ୍ଆଇ ପି.କେ.ତାରିଣୀ ସଦଳବଳ ଏହି ଆଡ୍ଡା ଉପରେ ଚଢାଉ କରିଥିଲେ। ଆଗକୁ ପାର୍ବଣ ଆସୁଥିବାରୁ ଥାନା ଅଧିକାରୀ ବାବୁଲି ନାୟକଙ୍କ ନିର୍ଦ୍ଦେଶ କ୍ରମେ ପାଟ୍ରୋଲିଂ କଡାକଡି କରାଯିବା ସହ ଜୁଆ ଆଡ୍ଡା ଗୁଡ଼ିକ ଉପରେ ଚଢାଉକୁ ଜୋରଦାର କରାଯାଇଛି।

### ଜନସମ୍ପର୍କ ପଦଯାତ୍ରା



ଗୋଷାଣି/ପାରଳାଖେମୁଣ୍ଡି,୪।୧୦ (ଡି.ଏନ.ଏ/ସ୍ୱ.ପ୍ର.)-ଗଜପତି ଜିଲା ଗୋଷାଣି ବ୍ଲକର ଗାରାବନ୍ଧ ଓ ଲାବଣ୍ୟଗଡ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆୟୋଜିତ ହୋଇଯାଇଛି । ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ପୂର୍ବତନ ବିଧାୟକ କେ.ନାରାୟଣ ରାଓ ଏବଂ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ରାମଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ କର୍ମୀମାନେ ପଦଯାତ୍ରାରେ ବାହାରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଗୋଷାଣି ବ୍ଲକ ଅଧକ୍ଷା ସି.ଏଚ୍. ତାରକେଶ୍ୱରୀ, ଉପାଧକ୍ଷ ଦିଲ୍ଲେଶ୍ୱର ରାଓ, ପାରଳାଖେମୁଣ୍ଡି ନଗର ସଭାପତି ଜମିଦାର ପଟ୍ଟନାୟକ, ପୂର୍ବତନ ନଗରପାଳ ନୃସିଂହ ଚରଣ ପଟ୍ଟନାୟକ, ପି. କ୍ରିଷ୍ଣା, ବାବୁଲା ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

### ଅଗ୍ନିବିପନ୍ନଙ୍କୁ ସହାୟତା

ପାରଳାଖେମୁଣ୍ଡି, ୪।୧୦(ସ୍ୱ.ପ୍ର.)- ଗଜପତି ଜିଲା ଗୁମ୍ମା ବ୍ଲକ ପରିଡା ପଞ୍ଚାୟତର ପରିଡା ଗ୍ରାମରେ କିଛିଦିନ ତଳେ ଏକ ଘର ପୋଡି ଯିବାରୁ ସମସ୍ତ ଆସବାବପତ୍ର ଓ ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଥିଲା। ସ୍ୱେଚ୍ଛାସେବୀ ମାରୁତ କୁମାର ପାଳ ତାଙ୍କ ଟିମ୍ ସହ ଉକ୍ତ ପରିବାର ପ୍ରତି ସହାୟତାର ହାତ ବଢାଇଛନ୍ତି । କ୍ଷତିଗ୍ରସ୍ତ ପରିବାରର ଭୁବନାନନ୍ଦ ଗୌଡଙ୍କୁ ପାଳ ଭେଟି ସମବେଦନା ଜଣାଇବା ସହ ତାଙ୍କୁ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ସହାୟତା ପ୍ରଦାନ ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ଦସ୍ତଖତ ଅଭିଯାନ

ଗୁମ୍ମା, ୪।୧୦(ଡି.ଏନ.ଏ)-ଓଡିଶାରେ ଆୟୁଷ୍ମାନ ଯୋଜନା ଲାଗୁ ଦାବିରେ ଗଜପତି ଜିଲା ଭାଜପା ପକ୍ଷରୁ ଗୁମ୍ମା ବ୍ଲକରେ ଗୁରୁବାରଠାରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଗ୍ରାମାଞ୍ଚଳରେ ଏକ ଗାଡ଼ି ବୁଲି କେନ୍ଦ୍ର ସରକାରଙ୍କ ଏହି ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି। ଜନସାଧାରଣଙ୍କ ପାଇଁ କେନ୍ଦ୍ର ସରକାର ବହୁ ଯୋଜନା କରୁଥିଲେ ସୁଦ୍ଧା ରାଜ୍ୟ ସରକାର ତାହାକୁ ଅବହେଳା କରୁଥିବା ଭାଜପା ଅଭିଯୋଗ କରିଛି। ଦସ୍ତଖତ କାଗଜପତ୍ରକୁ ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ ବୋଲି ଜିଲା ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସିଦ୍ଧେଶ୍ୱର ମିଶ୍ର, ଜିଲା କୃଷକ ମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ପାଳ, ବରିଷ୍ଠ ନେତା ହେମନ୍ତ ପଣ୍ଡା, କେଦାରନାଥ କାର୍ଜୀ ପ୍ରମୁଖ କହିଛନ୍ତି।

■ ଜିଲାପାଳଙ୍କ ଗୁମ୍ମା ବ୍ଲକ ଗସ୍ତ

# ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ ସହ ସମସ୍ୟା ଶୁଣିଲେ

ଗୁମ୍ମା, ୪।୧୦(ଡି.ଏନ.ଏ)

ଗଜପତି ଜିଲାପାଳ ଅନୁପମ ଶାହା ଗୁରୁବାର ଗୁମ୍ମା ବ୍ଲକ ଗସ୍ତରେ ଆସି କେତେକ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିବା ସହ ଲାଞ୍ଜିଆ ସଉରା କାର୍ଯ୍ୟାଳୟର ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ଜିଲାପାଳ ପ୍ରଥମେ ବ୍ଲକ କାର୍ଯ୍ୟାଳୟରେ ବିଡିଓ ନଟବର ଗରଡାଙ୍କ ସହିତ ଉନ୍ନୟନମୂଳକ କାର୍ଯ୍ୟ ଓ ଯୋଜନାଗୁଡ଼ିକର କାର୍ଯ୍ୟକାରୀତା ନେଇ ଆଲୋଚନା କରିଥିଲେ। ପରେ ଭୁବୁନି ଗ୍ରାମସ୍ଥିତ ଲାଞ୍ଜିଆ ସଉରା କାର୍ଯ୍ୟାଳୟ ପରିଦର୍ଶନ ପାଇଁ ଯାଇଥିଲେ। ସେଠାରେ ସ୍ୱତନ୍ତ୍ର ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କ ସହ ବିଭିନ୍ନ ପ୍ରକଳ୍ପ ଓ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ପଚାରି ବୁଝିଥିଲେ।



ଏକ ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରୁଛନ୍ତି ଜିଲାପାଳ ଏବଂ ଅନ୍ୟମାନେ।

ଏହି ସମୟରେ କିଛି ଚାଷୀ ଆସି ଉକ୍ତ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ମିଠା ମକାମଞ୍ଜି ଓ ସପୁରି ଚାରା ନିମ୍ନମାନର ବୋଲି ଅଭିଯୋଗ ଜଣାଇଥିଲେ। ଏନେଇ ପଦକ୍ଷେପ ନେବାକୁ ଅଧିକାରୀମାନଙ୍କୁ ଜିଲାପାଳ କହିଥିଲେ। ପରେ ଏଏନଏମ୍ ସେଣ୍ଟର, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ବୁଲି ଦେଖିଥିଲେ। ସେହିପରି ଗୁଡାଙ୍ଗଗୁର୍ଜାଙ୍ଗ ସମେତ କେତେକ ଗ୍ରାମକୁ ଯାଇ ଅଙ୍ଗନୱାଡ଼ି କେନ୍ଦ୍ର ବୁଲି ଖାଦ୍ୟ, ପିଲାଙ୍କ ଉପସ୍ଥାନ, ଗୃହ ସ୍ଥିତି ଏବଂ ସରକାରଙ୍କ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାର ଅନୁଧ୍ୟାନ କରିଥିଲେ। ଆମ୍ବାଝରି-ସେରଙ୍ଗ ରାସ୍ତା କାମ ପାଇଁ ସେରଙ୍ଗ ଘାଟି ନିକଟରେ ରାସ୍ତାକୁ ଅଧା ଖୋଳି ଦିଆଯାଇଛି। ଏଥିଯୋଗୁ ଯାନବାହନ ଚଳାଚଳରେ ସମସ୍ୟା ଉପୁଜିବା ସହ ଦୁର୍ଘଟଣା ଘଟୁଛି। ତେଣୁ ତୁରନ୍ତ ରାସ୍ତା କାମ ସାରିବାକୁ ସେରଙ୍ଗବାସୀ ଜିଲାପାଳଙ୍କୁ ଭେଟି ଦାବି ଜଣାଇଥିଲେ। ଏହି ଗସ୍ତ ଅବସରରେ ବିଡିଓଙ୍କ ସମେତ ତହସିଲଦାର କଳାକୃଷ୍ଣ ପ୍ରଧାନ, ସହକାରୀ ଯନ୍ତ୍ରୀ କୋଦଣ୍ଡ ପାଣିଗ୍ରାହୀ, ସିଡିପିଓ ଅନିତାରାଣୀ ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷ ଗଜେନ୍ଦ୍ର ଗମାଙ୍ଗ ଏବଂ ସ୍ଥାନୀୟ ସରପଞ୍ଚ, ଗ୍ରାମସେବକମାନେ ଉପସ୍ଥିତ ଥିଲେ।

# ୩ଟି ୱାର୍ଡ ଖୋଲା ଶୌଚମୁକ୍ତ ଘୋଷଣା

ପାରଳାଖେମୁଣ୍ଡି, ୪।୧୦(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ପୌରପାଳିକାର ୧୬ଟି ୱାର୍ଡ ମଧ୍ୟରୁ ୩, ୬ ଓ ୭ ନମ୍ବର ୱାର୍ଡକୁ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଅନୁଯାୟୀ ଖୋଲା ଶୌଚମୁକ୍ତ ୱାର୍ଡ ଘୋଷଣା କରାଯାଇଛି। ଏହି ଅବସରରେ ସଚେତନତା ସଭା, ଶପଥ ପାଠ ଓ ପଦଯାତ୍ରା ଇତ୍ୟାଦି ଅନୁଷ୍ଠିତ ହୋଇଯାଇଛି । ମହେନ୍ଦ୍ରଗିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଗାନ୍ଧୀ ସ୍ମୃତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଦୀପ କୁମାର ଲିମାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ପରିବେଶକୁ ଆମେ କିଭଳି ନିର୍ମଳ ରଖିବା ଓ ଏଥିପାଇଁ କି ପଦକ୍ଷେପ ଆବଶ୍ୟକ ସେନେଇ ସଚେତନ କରାଯାଇଥିଲା। ସବୁବେଳେ ଶୌଚାଳୟ ବ୍ୟବହାର କରିବା ସହ ଘର ଚତୁଃପାର୍ଶ୍ୱ ସଫାସୁତରା ରହିଲେ ବିଭିନ୍ନ ରୋଗରୁ ଦୂରେଇ ରହିପାରିବା ବୋଲି କୁହାଯାଇଥିଲା। ପରେ ଶପଥ ପାଠ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୱାର୍ଡବାସୀ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ପୌର କର୍ମଚାରୀ ସାମିଲ ହୋଇଥିଲେ। ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ, ଯନ୍ତ୍ରୀ ବି.ଭେଙ୍କେଟ ରମଣ, ସହକାରୀ ଯନ୍ତ୍ରୀ ସି.ସଞ୍ଜିବ, କନିଷ୍ଠ ଯନ୍ତ୍ରୀ ଡି.ଯୁଧିଷ୍ଠିର, ପ୍ରଧାନ ଶିକ୍ଷକ ଗୋପୀନାଥ ପାଢୀ, ଶୁଭଲକ୍ଷ୍ମୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କନିଷ୍ଠଯନ୍ତ୍ରୀ ମଧୁସ୍ମିତା ଦାସ, ଘନଶ୍ୟାମ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ପୌର ଅଧିକାରୀ ଏବଂ ଅନ୍ୟମାନେ।

# ବରିଷ୍ଠ ନାଗରିକମାନେ ଅଲୋଡ଼ା ନୁହନ୍ତି

ପାରଳାଖେମୁଣ୍ଡି, ୪।୧୦(ସ୍ୱ.ପ୍ର.)

ଗଜପତି ଜିଲା ପ୍ରଶାସନ ଓ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମିଳିତ ଆନୁକୁଲ୍ୟରେ ଗୁରୁବାର ଜିଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେରଙ୍ଗ ଖ୍ରୀଷ୍ଟିୟାନ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର ହୋଇଥିଲା । ଏଥିରେ ନିବେଦିତା ପ୍ରଧାନ ଓ ବିଜୟ ପଟ୍ଟନାୟକ ଯୋଗଦେଇ ୨୬୨ଜଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ସେହିପରି ଡାକ୍ତର ସୁନୀଲ କୁମାର ଗନ୍ତାୟତ ଏବଂ ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ଭି.ଲୋକନାଥ ରାଜୁ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କ ରକ୍ତଚାପ ଓ ମଧୁମେହ ପରୀକ୍ଷା କରିଥିଲେ। ସମସ୍ତ ପରୀକ୍ଷାର୍ଥୀଙ୍କୁ ଆବଶ୍ୟକୀୟ ଔଷଧ ମାଗଣାରେ ଯୋଗାଇ ଦିଆଯାଇଥିଲା । ପରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀ ରବୀନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ସଚେତନତା ସଭା ହୋଇଥିଲା । ବରିଷ୍ଠ ନାଗରିକମାନେ ଅଲୋଡା କି ଘୃଣ୍ୟ ନୁହଁନ୍ତି। ସେମାନେ ସମାଜର ବଡ ସମ୍ପଦ। ସେମାନଙ୍କୁ ସୁରକ୍ଷା, ସମ୍ମାନ ଓ ସ୍ୱାଭିମାନର ସହ ବଞ୍ଚିବାକୁ ଦେବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ୬୧ଜଣଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ସ୍ଥିର ହୋଇଥିବାବେଳେ ୧୧ଜଣଙ୍କୁ ଚଷମା ଦିଆଯାଇଥିଲା । ଜିଲା ପ୍ରଶାସନ ପକ୍ଷରୁ ୩ଜଣ ବରିଷ୍ଠ ନାଗରିକ ଗୌରଚନ୍ଦ୍ର ପଣ୍ଡା, ବନମାଳି ମହାପାତ୍ର ଏବଂ ନବୀନାନନ୍ଦ ଗନ୍ତାୟତଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ, ଅବସରପ୍ରାପ୍ତ ସରକାରୀ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ୨ଜଣଙ୍କୁ ରାଜ୍ୟସ୍ତରୀୟ ବରିଷ୍ଠ ନାଗରିକ ସମ୍ମାନ

ପାରଳାଖେମୁଣ୍ଡି, ୪।୧୦(ସ୍ୱ.ପ୍ର.)

ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସରେ ଗଜପତି ଜିଲା ପାରଳାଖେମୁଣ୍ଡି ସହରର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଗୋପାଳ ଚନ୍ଦ୍ର ଶତପଥିଙ୍କୁ ବରିଷ୍ଠ ନାଗରିକ ସମ୍ମାନ ଦିଆଯାଇଛି । ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉପଢୌକନ ସହ ୨୦ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରି ସମ୍ମାନିତ କରିଛନ୍ତି । ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅନାଥ ଆଶ୍ରମ ପ୍ରତିଷ୍ଠାଠାରୁ ଆରମ୍ଭ କରି ପର୍ଶୁରାମ ଗୁରୁକୁଳ ମହାବିଦ୍ୟାଳୟର ପୁନର୍ଗଠନ ଓ ମହେନ୍ଦ୍ରତନୟା ମହା ବାରୁଣୀ ସ୍ନାନ ବେଳେ ଶ୍ରଦ୍ଧାଳୁଙ୍କ ପାଇଁ ଜଣେ ସଫଳ ଆୟୋଜକର ଭୂମିକା ଗ୍ରହଣ କରିଥିଲେ । ସେହିପରି ଗୋପାଳ ଚନ୍ଦ୍ର ଶତପଥି ଜଣେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଭାବେ ବେଶ ଜଣାଶୁଣା। ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟର ୯ଜଣ ବରିଷ୍ଠ ନାଗରିକଙ୍କୁ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ସମ୍ମାନିତ କରାଯିବା ସହ ପୁରସ୍କୃତ କରାଯାଇଥିଲା।



ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ସମ୍ମାନିତ କରାଯାଉଛି।

## ଏସ୍‌କେସିଜି, ଶ୍ରୀରାମ କଲେଜର ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ

ପାରଳାଖେମୁଣ୍ଡି କାଶୀନଗର, ୪।୧୦(ସ୍ୱ.ପ୍ର./ଡି.ଏନ.ଏ.)

ଆସନ୍ତା ୧୧ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନ ପାଇଁ ଗୁରୁବାର ଚୂଡ଼ାନ୍ତ ପ୍ରାର୍ଥି ତାଲିକା ପ୍ରକାଶ ପାଇଛି। ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି (ଏସ୍‌କେସିଜି) ସ୍ୱୟଂଶାସିତ ମହାବିଦ୍ୟାଳୟର ଚୂଡାନ୍ତ ପ୍ରାର୍ଥୀ ତାଲିକା ଅନୁଯାୟୀ ସଭାପତି ପଦ ପାଇଁ ଯଶବନ୍ତ ନାୟକ ଓ ସ୍ୱାମୀ ଶିବାନନ୍ଦ ଶତପଥିଙ୍କ ମଧ୍ୟରେ ଲଢେଇ ହେବ। ସମ୍ପାଦକ ପଦରେ ଅଶୋକ ମଣ୍ଡଳ ଏବଂ ଉପସଭାପତି ପଦରେ ମାନସୀ ଗମାଙ୍ଗ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି। କ୍ରୀଡା ସମ୍ପାଦକ ପଦ ପାଇଁ କିରଣ କୁମାର କାର୍ଜୀ ଓ ସତ୍ୟନାରାୟଣ କାର୍ଜୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଥିବାବେଳେ ନାଟ୍ୟ ସଂସଦ ସମ୍ପାଦକ ପଦ ପାଇଁ ବାଲା ଚନ୍ଦନ ଓ ସୌଦାଗର ଶ୍ରୀୟାଙ୍କ ମଧ୍ୟରେ ଟକ୍କର ହେବ। ସେହିପରି ପାରଳାଖେମୁଣ୍ଡି ମହିଳା ମହାବିଦ୍ୟାଳୟର ଚୁଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ସମସ୍ତ ପଦରେ ଜଣେ ଲେଖାଏଁ ପ୍ରାର୍ଥୀ ରହିଥିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ବୋଲି କଲେଜ ସୂତ୍ରରୁ ପ୍ରକାଶ । ସଭାପତି ପଦ ସକାଶେ ଆର୍.ଝାନ୍ସି, ଉପସଭାପତି ପଦ ପାଇଁ ହେମଲତା ଖଣ୍ଡୁଆଳ, ସମ୍ପାଦକ ପଦ ନିମନ୍ତେ ଶର୍ମିଷ୍ଠା ଭୁକ୍ତା, କ୍ରୀଡା ସମ୍ପାଦିକା ପାଇଁ ମାନୀ ସାମଲ, ନାଟ୍ୟ ସଂସଦ ସମ୍ପାଦିକା ପଦ ଲାଗି ରଞ୍ଜିତା କୁମାରୀ ଜେନା, ସମ୍ପାଦକ ଡିଏସ୍ଏ ନିମନ୍ତେ ପୁଣ୍ୟବତୀ ମଣ୍ଡଳଙ୍କ ନାମ ଚୂଡାନ୍ତ ତାଲିକାରେ ରହିଛି। ସେହିପରି କାଶୀନଗର ଶ୍ରୀରାମ ଡିଗ୍ରୀ କଲେଜର ଚୂଡ଼ାନ୍ତ ପ୍ରାର୍ଥିତାଲିକା ଗୁରୁବାର ପ୍ରକାଶ ପାଇଛି। ସଭାପତି ଦୌଡରେ ନରେଶ ମିଶାଲ, କମନିଆଶ ଭୂୟାଁ, ଉପସଭାପତି ରାମକ୍ରିଷ୍ଣା ରାଇକା, ସହ ସମ୍ପାଦକ ରୋକୋମ ଭାର୍ଗବ, ନାଟ୍ୟ ସମ୍ପାଦକ ଭାବେ ସନ୍ଦକା ହରିନାଥ ଓ ନାଟ୍ୟ ସହ ସମ୍ପାଦକ ଭାବେ ରୋକମ ପୁଷ୍ପାଙ୍କ ନାମ ଚୂଡାନ୍ତ ତାଲିକାରେ ପ୍ରକାଶ ପାଇଛି। ସାଧାରଣ ସମ୍ପାଦକ, ଡିଏସ୍ଏ ସମ୍ପାଦକ ଓ କ୍ରୀଡ଼ା ସମ୍ପାଦକ ପଦବୀରେ କେହି ପ୍ରାର୍ଥୀ ନାମାଙ୍କନ ଦାଖଲ କରି ନାହାନ୍ତି। ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ହେବା ପରେ କଲେଜ ପରିସର ସରଗରମ ହୋଇଉଠିଛି। ପ୍ରାର୍ଥୀମାନେ ଭୋଟ ହାତେଇବା ପାଇଁ ନିଜ ସମର୍ଥକମାନଙ୍କ ସହିତ ପ୍ରଚାର ଜୋରଦାର କରିଛନ୍ତି।

# ସ୍କୁଲ ମିଶ୍ରଣକୁ ନେଇ ଅସନ୍ତୋଷ:ବିଡିଓଙ୍କୁ ଭେଟିଲେ ଅଭିଭାବକ

କାଶୀନଗର, ୪।୧୦(ଡି.ଏନ.ଏ)

ସ୍କୁଲ ପରିବର୍ତ୍ତନ ସହ ନାନା ସମସ୍ୟା ନେଇ ଗଜପତି ଜିଲା କାଶୀନଗରସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି) ଛାତ୍ରୀନିବାସର ୧୦୦ ଆଦିବାସୀ ଅନ୍ତେବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ସେମାନଙ୍କ ଅଭିଭାବକ ଓ ସ୍ଥାନୀୟ ଆଦିବାସୀମାନେ ଗୁରୁବାର ବିଡିଓ ସୁଧିର କୁମାର ସିଂ ଏବଂ ବିଇଓ ଦାୟିତ୍ୱରେ ଥିବା ଏବିଇଓ ଜାମାନ୍ନା କାରେୟାଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଯଦି ଛାତ୍ରୀମାନଙ୍କୁ ପୂର୍ବଭଳି ବ୍ଲକ କଲୋନୀ ଉ.ପ୍ରା ବିଦ୍ୟାଳୟରେ ପଢିବାର ସୁଯୋଗ ଦିଆନଯାଏ ତେବେ ସେମାନଙ୍କୁ ପାଠପଢା ଛଡ଼ାଇ ଘରକୁ ନେଇ ଚାଲିଯିବେ ବୋଲି ଅଭିଭାବକମାନେ ଜଣାଇଛନ୍ତି। ଫଳରେ ପ୍ରଶାସନର ମୁଣ୍ଡବ୍ୟଥା ବଢିଯାଇଛି।



ବ୍ଲକ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିବା ଅଭିଭାବକମାନେ।

ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ବ୍ଲକ କଲୋନୀ ଉପ୍ରା ବିଦ୍ୟାଳୟ ଏବେ ବାରାଣସୀ ହାଇସ୍କୁଲରେ ମିଶିଯାଇଛି। ଏହି ଦୁଇସ୍କୁଲର ମିଶ୍ରଣକୁ ଅଭିଭାବକମାନେ ବିରୋଧ କରୁଛନ୍ତି। ଏ ନେଇ ପାର୍ତ୍ତଡା ପଞ୍ଚାୟତ ଏସ୍. ଯୋଡୁରୁ ଗ୍ରାମର ଅଭିଭାବକ ସାମୁଏଲ ଗମାଙ୍ଗ କହିଛନ୍ତି ଯେ, ବ୍ଲକ କଲୋନୀ ଉ.ପ୍ରା. ବିଦ୍ୟାଳୟକୁ କେଜିବିଭି ହଷ୍ଟେଲ ଲାଗିରହିଛି। ସେଠାରେ ଆମ ପିଲାମାନଙ୍କର ବହୁତ ସୁବିଧା ହେଉଥିଲା। ସେମାନେ ନିରାପଦରେ ଥିଲେ। ବ୍ଲକ କଲୋନୀ ଉ.ପ୍ରା. ବିଦ୍ୟାଳୟର ବି ଆମ ପିଲାମାନଙ୍କୁ ସ୍ନେହ ମିଳୁଥିଲା। ଏବେ କିଛି ସୁବିଧା ନ ଥିବା ଓ ବେଶୀ ତେଲୁଗୁ ଭାଷା ଚାଲୁଥିବା ହାଇସ୍କୁଲରେ ଆମ ପିଲାମାନଙ୍କୁ ନେଇ ସରକାର ଫିଙ୍ଗି ଦେଇଛନ୍ତି। ଆମେ ସେଥିପାଇଁ ଆମ ପିଲାଙ୍କୁ ଘରକୁ ନେଇଯିବା ପାଇଁ ଚାହୁଁଛୁ। ସେହିପରି ଖାରଡା ପଞ୍ଚାୟତ ତାଡ଼ବା ଗ୍ରାମର ଅଭିଭାବକ ବିଗ୍‌ନେଶ ନାୟକ କହିଛନ୍ତି, ବାରଣାସୀ ହାଇସ୍କୁଲରେ ଆମ ଝିଅମାନେ ଆଗରୁ ପଢୁଥିବା ବ୍ଲକ କଲୋନୀ ଉ.ପ୍ରା. ବିଦ୍ୟାଳୟର ସମ୍ପୂର୍ଣ୍ଣ ମିଶ୍ରଣକୁ ଆମେ ବିରୋଧ କରୁଛୁ। ପ୍ରଶାସନ ପଦକ୍ଷେପ ନ ନେଲେ ଆନ୍ଦୋଳନ ହେବ। ଶିଆଳି ପଞ୍ଚାୟତ ବିଞ୍ଜିରିଗୁଡା ଗ୍ରାମର ଅଭିଭାବକ ମୀରାବତୀ ଶବର କହିଛନ୍ତି, ମୁଁ ଜଣେ ମହିଳା। ଝିଅ ପିଲାଙ୍କ ବ୍ୟକ୍ତିଗତ ଅସୁବିଧା କଥା ମୁଁ ଜାଣେ। ଆମର ଝିଅମାନେ ହାଇସ୍କୁଲରେ ଯେଉଁ କେତେଦିନ ପଢ଼ିଲେ, ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଲେ। ତେଣୁ ସେମାନଙ୍କୁ ଆମେ ଆଉ ହାଇସ୍କୁଲକୁ ପଠାଇବୁ ନାହିଁ। ବ୍ଲକ କଲୋନୀ ଉ.ପ୍ରା. ବିଦ୍ୟାଳୟ ବନ୍ଦ ହୋଇଛି। ତେଣୁ ଆମେ ପିଲାଙ୍କୁ ଘରକୁ ନେଇଯିବୁ। କେଜିବିଭି ହଷ୍ଟେଲର ଅନ୍ତେବାସୀ ସିଦ୍ଧା ନାୟକଙ୍କ କହିବାନୁଯାୟୀ, ବାରାଣସୀ ହାଇସ୍କୁଲରେ ଆମେ ନିଜକୁ ନିରାପଦ ମନେକରୁନାହୁଁ। ସେଠାରେ ଅପରିଷ୍କାର ସ୍ଥାନରେ ବସି ଖାଇବାକୁ ପଡୁଛି। ଶ୍ରେଣୀଗୃହରେ ତଳେ ବସୁଛୁ। ପାଇଖାନା ଓ ପରିଶ୍ରାଗାର ସୁବିଧା ନଥିବାରୁ ବାହାରକୁ ଯିବାକୁ ବାଧ ହେଉଛୁ। ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ତେଲୁଗୁ ଭାଷୀ ହୋଇଥିବାରୁ ସେମାନଙ୍କୁ ସମସ୍ୟା ଜଣାଇ ହେଉନାହିଁ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ rgdselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



@ ବିନୟ



@ ଶୁଭସ୍ମିତା



@ ସୁଜିତ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



# ଆସୁଛି ପାର୍ବଣ: ଅନ୍ଧାରରେ ମୁଖ୍ୟରାସ୍ତା

## ୧୯ଟି ୱାର୍ଡର ଅନେକ ଗଳିରେ ଲାଇଟ୍ ନାହିଁ

ମାଲକାନଗିରି,୪।୧୦ (ଡି.ଏନ.ଏ.)

ମାଲକାନଗିରି ଜିଲା ପୌର ପରିଷଦ ଅଞ୍ଚଳରେ ଦୀର୍ଘ ୨ମାସ ହେଲା ମୁଖ୍ୟ ରାସ୍ତା ଭୈରବୀ ମନ୍ଦିରଠାରୁ ବି.ଏସ.ଏଫ. କ୍ୟାମ୍ପ ପର୍ଯ୍ୟନ୍ତ ରାସ୍ତା ଅନ୍ଧାରରେ ରହିଛି। ପୌର ପରିଷଦର ଅନେକ ବିଦ୍ୟୁତ୍ ଖୁଣ୍ଟରେ ଲାଇଟ୍ ଫ୍ୟୁଜ୍ ହୋଇରହିଛି। ଫଳରେ ଅନ୍ଧାର ଯୋଗୁ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ମୁଖ୍ୟ ରାସ୍ତା ନୁହେଁ ୧୯ଟି ୱାର୍ଡର ଅନେକ ଗଳି ରାସ୍ତାରେ ଥିବା ଅନେକ ବିଦ୍ୟୁତ୍ ଖୁଣ୍ଟରେ ଲାଇଟ୍ ଜଳୁ ନ ଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ପାର୍ବଣ ଋତୁରେ ସନ୍ଧ୍ୟାରେ ସହର ଗହଳି ରହୁଛି। ଅସାମାଜିକ ବ୍ୟକ୍ତିମାନେ ଅନ୍ଧାରର ସୁଯୋଗ ନେଉଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ସଶାଙ୍କ ମିଶ୍ରଙ୍କୁ ପଚାରିବାରୁ ସେ କହିଲେ ଯେ, ପୌର ପରିଷଦର ରାସ୍ତା ଗୁଡିକରେ ଆଲୋକ ସଂଯୋଗ ପାଇଁ ରାଜ୍ୟ ସରକାର ଏକ ଘରୋଇ କମ୍ପାନୀକୁ ଦାୟିତ୍ୱ ଦେଇଥିଲେ। କମ୍ପାନୀର କର୍ମଚାରୀମାନେ ନୂଆ ଲାଇଟ୍ ସହ ସରଞ୍ଜାମ୍ ଆଣି ପହଞ୍ଚିଛନ୍ତି। କାର୍ଯ୍ୟ ଆରମ୍ଭ ହୋଇଗଲାଣି, ଖୁବ୍ ଶୀଘ୍ର ଲାଇଟ୍‌ଗୁଡିକ ଲାଗି ରହିଥିବା ସମସ୍ୟା ଦୂର ହେବ।

# ଦୁର୍ଘଟଣାରେ ୩ ଆହତ

ଡାବୁଗାଁ,୪।୧୦(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ବାଣୁଆଗୁଡା ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ମୋଟର ସାଇକେଲ ଦୁର୍ଘଟଣା ଘଟି ୩ ଜଣ ଆହତ ହୋଇଛନ୍ତି। ଡାବୁଗାଁ ଥାନା ଅଧୀନ ବାଣୁଆଗୁଡା ଗ୍ରାମରୁ ଏକ ମୋଟର ସାଇକେଲ ଡାବୁଗାଁ ଆଡକୁ ଆସୁଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ମୋଟର ସାଇକେଲ ସହ ଧକ୍କା ହୋଇଥିଲା । ଫଳରେ ବାଣୁଆଗୁଡା ଗ୍ରାମରୁ ଆସୁଥିବା ବାଇକରେ ବସିଥିବା ବାରିଗୁଡା ଗ୍ରାମର ଗୋବର୍ଦ୍ଧନ ଭତ୍ରା, ଦିବାକର ଦଳାଇ ଓ ଦିବାକର ସିଂ ଆହତ ହୋଇଥିଲେ । ସମସ୍ତଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଏଥିରେ ଗୋବର୍ଦ୍ଧନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ ଡାବୁଗାଁ ପୋଲିସ ପହଞ୍ଚି ତଦନ୍ତ କରୁଛି।

# ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ

ଡାବୁଗାଁ,୪।୧୦ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଓଡିଶାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଗୁରୁବାର ହିତାଧିକାରୀମାନଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଡାବୁଗାଁ ବିଧାୟକ ଭୁଜବଳ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବ୍ଲକର ୧୦୨୯ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ କରିଛନ୍ତି । ସମ୍ମାନିତ ଅତିଥି ଭାବେ ଜିଲା ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲାପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ଜିଲା ପରିଷଦ ସଭ୍ୟା ମାଳତୀ ମାଝୀ, ବ୍ଲକ ଉପାଧ୍ୟକ୍ଷା ସୁଷମା ବିଶୋଇ, ଜିଲା ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ବେବର୍ତ୍ତା, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଏନ. ଲକ୍ଷ୍ମଣ ରାଓ, ବିଡିଓ ଗୌରହରୀ ପାତ୍ର, ଏମପି ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଜ. ସାଇ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଡାବୁଗାଁ ଯୋଗାଣ ନିରିକ୍ଷକ ପ୍ରିୟରଞ୍ଜନ ନାୟକ ପରିଚାଳନା କରିଥିଲେ ।

# ଭାଜପାର ପଥପ୍ରାନ୍ତ ସଭା

ଡାବୁଗାଁ,୪।୧୦(ଡି.ଏନ.ଏ.)–

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାଠାରେ ଡାବୁଗାଁ ଭାଜପା ତରଫରୁ ଆୟୁଷ୍ମାନ ଭାରତ ଯୋଜନା ସପକ୍ଷରେ ପଥ ପ୍ରାନ୍ତ ସଭା ଆୟୋଜନ ହୋଇଥିଲା । ଏଥିରେ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ସପକ୍ଷରେ ଲୋକଙ୍କୁ ଅବଗତ କରାଯାଇଥିଲା । କେନ୍ଦ୍ରର ଆୟୁଷ୍ମାନ ଯୋଜନା ଦ୍ୱାରା ଗଭୀର ରୋଗରେ ପୀଡିତ ଲୋକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁବିଧା ପାଇପାରିବେ ବୋଲି ନେତାମାନେ ଲୋକ ମାନଙ୍କୁ ବୁଝାଇଥିଲେ। ଏଥିରେ ଭାଜପା ଜିଲା ଉପସଭାପତି ଜୟନ୍ତ କୁମାର ପାତ୍ର, ଜିଲା ସମ୍ପାଦକ ଦିବାନ ସିଂ, ଡାବୁଗାଁ ମଣ୍ଡଳ ସଭାପତି ରାଜଶେଖର ରାଓ, ବ୍ଲକ ଯୁବ ମୋର୍ଚ୍ଚା ଉପସଭାପତି ନରେଶ ସିଂ, ଭୀମସେନ ଜେନା ଓ ସତମନ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।








ଅଥରାଇଜ୍ଡ ଡିଲର: ବ୍ରହ୍ମପୁର: ଲକ୍ଷ୍ମୀ ହୀରୋ - 7799766350. ଶ୍ରୀ କାଲେଶ୍ୱର ହୀରୋ - 7799766372. ଜୟପୁର: ସୁପ୍ରିମ ହୀରୋ - 7799766340. ଫୁଲବାଣୀ: ନାରାୟଣୀ ହୀରୋ - 7799766373. ରାୟଗଡ଼ା: ଅଜୀତ ହୀରୋ - 7799766358. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ଆସିକା: ଅଶୋକ ମୋଟର୍ସ - 273226. ପାରଳାଖେମୁଣ୍ଡି: ପ୍ରୀତମ ଏଣ୍ଟରପ୍ରାଇଜ - 224656. ମାଲକାନଗିରି: କନିଷ୍କ ଅଟୋମୋବାଇଲ୍ସ - 9437181980, 230514. ନବରଙ୍ଗପୁର: ଅରୁଣ ସେଲ୍ସ ଆଣ୍ଡ ସର୍ଭିସ - 223970. ସିମିଳିଗୁଡା: କେ.ପି.ଏଣ୍ଟରପ୍ରାଇଜ - 225222. ଦେବଗଡ଼ : ଜିନ୍ଦଲ ମୋଟର୍ସ : 9337774624.



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।
- ମହାତ୍ମା ଗାନ୍ଧୀ

## ସଂକ୍ଷେପରେ



### ଶୌଚାଳୟ ବ୍ୟବହାର ନେଇ ଶପଥ

**ରାୟଗଡା ଅଫିସ,୪।୧୦:** ରାୟଗଡା ବ୍ଲକ୍ ପିତାମହଲ ପଞ୍ଚାୟତ ବିଷ୍ଣୁଗୁଡାଠାରେ ଗୁରୁବାର ନୂତନ ଭାବେ ସ୍କୁଲ ଶୌଚାଳୟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ଗ୍ରାମବାସୀ ଓ ଛାତ୍ରୀଛାତ୍ର ଉପସ୍ଥିତ ରହି ଶୌଚାଳୟ ବ୍ୟବହାର କରିବାକୁ ଶପଥ ନେଇଥିଲେ। ଏଥିସହ ଗ୍ରାମକୁ ମଳମୁକ୍ତ କରିବା ପାଇଁ କହିଥିଲେ । ନୂତନ ଶୌଚାଳୟ ଗୃହକୁ ସ୍ଥାନୀୟ ୱାର୍ଡସଭ୍ୟା ଉଦ୍‌ଘାଟନ କରିଥିବା ବେଳେ ପ୍ରୟତନ ସଂସ୍ଥାର ପ୍ରୋଜେକ୍ଟ ଡାଇରେକ୍ଟର ରାଜାରାମ ମଲ୍ଲିକ, ପୂର୍ଣ୍ଣ ମହାପାତ୍ରଙ୍କ ସମେତ ଅନ୍ୟ କର୍ମଚାରୀ, ଗ୍ରାମବାସୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ପ୍ରୟତନ ସଂସ୍ଥା ପକ୍ଷରୁ ନିର୍ମାଣ କରାଯାଇ ଏହି ଶୌଚାଳୟକୁ ସ୍କୁଲକୁ ହସ୍ତାନ୍ତର କରାଯାଇଛି । ପୂର୍ବରୁ ଉକ୍ତ ସ୍କୁଲରେ ଶୌଚାଳୟ ନ ଥିବାରୁ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହାକୁ ଦୃଷ୍ଟିରେ ରଖି ଉକ୍ତ ସଂସ୍ଥା ପକ୍ଷରୁ ଏହା ନିର୍ମାଣ କରାଯାଇ ସ୍କୁଲକୁ ହସ୍ତାନ୍ତର କରାଯାଇଛି ।

### ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲରେ ଗାନ୍ଧୀ ଜୟନ୍ତୀ



ଟିକିରି,୪।୧୦(ଡ଼ି.ଏନ.ଏ)-ରାୟଗଡ଼ା ଜିଲା କାଶୀପୁର ବ୍ଲକ ନୂଆପଡ଼ାସ୍ଥିତ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ପାଳିତ ଏହି କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ପ୍ରଥମେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଭାତ ଫେରି କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ହିନ୍ଦୀ ଶିକ୍ଷକ ଅଜୟ ଦାଶ,ଶିକ୍ଷୟିତ୍ରୀ କରୁଣା ତିୱାରୀ ଓ ସଙ୍ଗୀତ ଶିକ୍ଷକ ଧୀରାଜ ମହାନ୍ତି ପରିଚାଳନା କରିଥିଲେ ।

### ଔଷଧ ବିତରଣ କରିବନି ଜିଲା ଶିକ୍ଷକ ସଂଘ

**ରାୟଗଡା ଅଫିସ୍, ୪।୧୦:** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଘୁନୁସର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର କୃମିନାଶକ ଔଷଧ ଖାଇ ଅସୁସ୍ଥ ହେବାପରେ ଏହି ଘଟଣାକୁ ନେଇ ଅଭିଭାବକମାନେ ପ୍ରଧାନ ଶିକ୍ଷକ ଅନୁଗ୍ରହ ନନ୍ଦଙ୍କୁ ଆକ୍ରମଣ କରିବା ଯୋଗୁ ତାଙ୍କ ମୃତ୍ୟୁ ଘଟିଛି। ଏହା ପରେ ରାଜ୍ୟ ପ୍ରାଥମିକ ଶିକ୍ଷକ ଫେଡେରେଶନ ନିଷ୍ପତ୍ତିକ୍ରମେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକମାନଙ୍କୁ ଦିଆଯାଇଥିବା ଔଷଧ ବିତରଣ କାର୍ଯ୍ୟକ୍ରମକୁ ବିରୋଧ କରାଯାଇଛି। ଏ ସମ୍ପର୍କରେ ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଅନନ୍ତ ଚରଣ ରଥ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ, ସର୍ବଶିକ୍ଷା ଅଭିଯାନକୁ ଲିଖିତ ଭାବେ ଜଣାଇଛନ୍ତି। ଔଷଧ ବିତରଣ ପରେ ପିଲାମାନେ ପାର୍ଶ୍ୱ ପ୍ରତିକ୍ରିୟା ଦ୍ୱାରା ଅସୁସ୍ଥ ହେଉଛନ୍ତି। ପରେ ଶିକ୍ଷକମାନେ ଅଭିଭାବକଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଏହାଦ୍ୱାରା ଶିକ୍ଷକଙ୍କ ଜୀବନ ପ୍ରତି ବିପଦରହିଛି। ଏହାର ବିକଳ୍ପ ବ୍ୟବସ୍ଥା କରିବା ସହ ଶିକ୍ଷକମାନେ ଔଷଧ ବିତରଣ କାର୍ଯ୍ୟ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ଜିଲା ସଂଘ ସଭାପତି କହିଛନ୍ତି।

### ୧୯୯୨ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



**ଗୁଣପୁର,୪।୧୦(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ହାଇସ୍କୁଲ ୧୯୯୨ ମାଟ୍ରିକ ବ୍ୟାଚର ବନ୍ଧୁମିଳନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଗୁଣ୍ଡିଚା ମନ୍ଦିର ନିକଟ ଆମ୍ବତୋଟାଠାରେ ପୁରାତନ ଛାତ୍ରମାନେ ଏକତ୍ରିତ ହୋଇ ପାଠ ପଢା ସମୟର ସ୍ମୃତିକୁ ସାଉଁଟିଥିଲେ । ଏଥିସହ ସାଥୀମାନଙ୍କ ସ୍ୱାସ୍ଥ୍ୟ ଗତ ସମସ୍ୟା ପାଇଁ ପାଣ୍ଠି ସଂଗ୍ରହ କରିବାକୁ ନିଷ୍ପତ୍ତି ହୋଇଥିଲା ।

# କାର୍ଯ୍ୟକ୍ଷମ ହେଉନି ଜଳଯୋଗାଣ ପ୍ରକଳ୍ପ

**ଶୁଣୁନି ପ୍ରଶାସନ**
- ୨୦ ଏକର ଜମି ହେବ ଜଳସେଚନ
- ନିର୍ମାଣ କରାଯାଇଛି ପମ୍ପ ହାଉସ
- ଆନ୍ଦୋଳନ ଚେତାବନୀ ଦେଲେ ଚାଷୀ



**ଟିକିରି,୪।୧୦(ଡ଼ି.ଏନ.ଏ)**

ଗ୍ରାମରେ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ହେବ । ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଖୁସି ଦେଖାଦେଇଥିଲା । ଏହାଦ୍ୱାରା ଚାଷ ଜମିକୁ ସୁବିଧାରେ ପାଣି ମିଳିବ । ପନିପରିବା ଚାଷ କରି ଭଲ ବ୍ୟବସାୟ କରିବୁ । ଏହିପରି ଅନେକ ସ୍ୱପ୍ନ ଦେଖିଥିଲେ ଚାଷୀ । ହେଲେ ଚାଷୀଙ୍କ ସ୍ୱପ୍ନ ପୂରଣ ହେଲାନି । ଇତିମଧ୍ୟରେ ୫ ବର୍ଷ ବିତିଲାଣି । ହେଲେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁନାହିଁ । ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡୁଡୁକାବାହଲ ପଞ୍ଚାୟତ ସଦରଠାରେ ଉଠାଜଳସେଚନ ବିଭାଗ ପକ୍ଷରୁ ୨୦୧୨-୧୩ ବର୍ଷରେ ୬ ଲକ୍ଷ ଟଙ୍କା ବ୍ୟୟରେ ଏକ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇଛି । ଏହାଦ୍ୱାରା ୧୫ରୁ ୨୦ ଏକର ଜମିକୁ ଜଳସେଚନ ହୋଇପାରିବ ବୋଲି ଜଣାଯାଇଥିଲା। ଜମିଗୁଡ଼ିକୁ ଜଳସେଚନ କରିବା ପାଇଁ ପମ୍ପହାଉସ ନିର୍ମାଣ କରାଯାଇ ଟ୍ରାନ୍ସଫର୍ମର ମଧ୍ୟ ବସାଯାଇଥିଲା । ଜମି ତଳେ ପାଇପ ମଧ୍ୟ ବିଛାଯାଇଥିଲା । କିନ୍ତୁ ବର୍ତ୍ତମାନ ସବୁ କାମ ସରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଚାଷୀମାନେ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ଗ୍ରାମର ଅରବିନ୍ଦ ନାଏକ, ବେଲାଇ ସେନନାଏକ, ସନ୍ତୋଷ ନାଏକ, ସାରଥୀ ନାଏକ, ଶାନିମଣି ନାଏକ, ବିରେନ୍ ନାଏକ, କାମଦେବ ନାଏକ ପ୍ରମୁଖ ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଆମ କଥାକୁ ଶୁଣୁନାହାନ୍ତି । ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ ନ କଲେ ଆଗାମୀ ଦିନରେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି । ତେଣୁ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଜଳସେଚନ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନାହିଁ ।



ଶୁଭଖୁଣ୍ଟି ସ୍ଥାପନ ନିମନ୍ତେ ପୂଜା ଚାଲିଛି ।

## ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ଗୁଣପୁର,୪।୧୦(ଡ଼ି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ମରାଠିଗୁଡା ବ୍ଲକ ଅଫିସ ସମ୍ମୁଖରେ ହେଉଥିବା ମା'ଗଜଲକ୍ଷ୍ମୀଙ୍କ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କର୍ତ୍ତା ଭାବେ ସୂର୍ଯ୍ୟ ନାରାୟଣ ରଥ ଏବଂ ପୂଜକ ଭାବେ ନବୀନଚନ୍ଦ୍ର ରଥ, ପ୍ରକାଶ ରଥ, କାଶୀବିଶ୍ୱନାଥ ମହାଙ୍କୁଡ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ । ଏହି ପୂଜା ଆସନ୍ତା ୨୪ ତାରିଖରୁ ଆରମ୍ଭ ହୋଇ ୭ ଦିନ ବ୍ୟାପୀ ଆୟୋଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏଥିଲାଗି କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି । ପୂଜା କମିଟି ସଭାପତି ମନୋରଞ୍ଜନ ରଥ, କାର୍ଯ୍ୟକାରୀ ସଭାପତି ସମେଶ୍ୱର ସାମଲ, ଉପସଭାପତି ଗୋପାଳକୃଷ୍ଣ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଭଗବାନ ନିଶଙ୍କଙ୍କ ସମେତ କମିଟିର ବହୁ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ବାବୁଲି ନଗରଠାରେ ମଧ୍ୟ ମା'ଙ୍କ ପୂଜା ଲାଗି ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ହୋଇଥିଲା ।

## ଏସ୍‌ପିଙ୍କୁ ଦାବିପତ୍ର ଦେଲେ ଖବରଦାତା

**ରାୟଗଡା ଅଫିସ୍, ୪।୧୦**

ରାଜ୍ୟରେ ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣ ଓ ରାୟଗଡା ଜିଲାରେ ପ୍ରଶାସନର ଖବରଦାତାଙ୍କ ପ୍ରତି ବେପାରୁଆ ମନୋଭାବ ପ୍ରତିବାଦରେ ଗୁରୁବାର ଜିଲା ସଦର ମହକୁମାର ସମସ୍ତ ଖବରଦାତା ଶାନ୍ତିପୂର୍ଣ୍ଣ ଅସହଯୋଗ କରିଛନ୍ତି । ପ୍ରଶାସନ ଓ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମକୁ ବର୍ଜନ କରି ବିଶାଳ ରାଲି କରିଛନ୍ତି । ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଏହି ରାଲି ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା । ପରେ ଏସ୍‌ପି ରାହୁଲ ପିଆର୍‌ଙ୍କୁ ୩ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ । ରାଜ୍ୟରେ ଖବରଦାତାଙ୍କ ଉପରେ ଯେଉଁ ଆକ୍ରମଣ ବଢ଼ିଚାଲିଛି ତାହା ରୋକିବା ସହ ଖବରଦାତା ସୁରକ୍ଷା ଆଇନ୍ ତୁରନ୍ତ କାର୍ଯ୍ୟକାରୀ କରିବା ନିମନ୍ତେ ଦାବି କରିଥିଲେ । ସେହିଭଳି ରାଜ୍ୟ ସରକାର ଖବରଦାତାଙ୍କ ପାଇଁ ଯେଉଁ ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗୁ କରିଛନ୍ତି ତାହା ଜିଲାର ଅନେକ ଖବରଦାତା ପାଇନାହାଁନ୍ତି । ତେଣୁ ସମସ୍ତଙ୍କୁ ବୀମା ଯୋଜନାରେ ସାମିଲ କରିବାକୁ ଦାବି କରିଛନ୍ତି । ସେହିଭଳି କେନ୍ଦ୍ର ସରକାରଙ୍କ ପକ୍ଷରୁ ରେଳବାଇ ପାସ ଖବରଦାତାଙ୍କୁ ଦିଆଯାଉଛି । ପୂର୍ବରୁ ଜିଲାର ଅନେକ ଖବରଦାତା ଏହି ପାସ ପାଇଥିବା ବେଳେ ବର୍ତ୍ତମାନ ନବୀକରଣ ପାଇଁ ଜିଲା ପ୍ରଶାସନ ଜରିଆରେ ଆବେଦନ ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ କରାଯାଉନାହିଁ। ଗତ ୨ତାରିଖରେ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଖବରଦାତାମାନେ କଳାବ୍ୟାଜ୍ ପରିଧାନ କରି ଗାନ୍ଧୀ ପାର୍କଠାରେ ଧାରଣା ଦେଇଥିଲେ । ସେହିଭଳି ବୁଧବାର ମୁହଁରେ କଳାପଟି ବାନ୍ଧି ପ୍ରତିବାଦ ଜଣାଇଥିଲେ । ୩ଦିନ ହେବ ଏହା ଜାରି ରହିଥିଲେ ମଧ୍ୟ ପ୍ରଶାସନ କୌଣସି ସମାଧାନର ବାଟ ବାହାର କରୁନାହିଁ। ଯଦ୍ୱାରା ଦିନକୁ ଦିନ ଏହା ଜଟିଳ ହେବାରେ ଲାଗିଛି । ଏହି ରାଲିରେ ପ୍ରେସ୍ କ୍ଲବ୍ ଉପଦେଷ୍ଟା ନରସିଂହନାଥ ପାଢ଼ୀ ଓ ଜିଲା ଖବରଦାତା ସଂଘ ଉପଦେଷ୍ଟା ବାଦଲ କୁମାର ନେତୃତ୍ୱ ନେଇଥିଲେ। ଏଥିରେ ଓୟୁଜେ ଜିଲା ସଭାପତି ରାଜେଶ କୁମାର ପଟ୍ଟନାୟକ, ପ୍ରେସ୍ ୟୁନିୟନ ସଭାପତି ଦୟାନନ୍ଦ ଖାଡଙ୍ଗା, ପ୍ରେସ୍‌କ୍ଲବ୍ ସଭାପତି ରଞ୍ଜନ କୁମାର ରଥ, ଖବରଦାତା ସୀମାଞ୍ଚଳ ପଣ୍ଡା, ଯୋଗେଶ୍ୱର ଦାଶ, ଗୋପରଞ୍ଜନ ବକ୍ସିପାତ୍ର, ସୁରେଶ ଚନ୍ଦ୍ର ଦାଶ, ସରୋଜ ସାହୁ, ସୁରେଶ ମିଶ୍ର, ଅମୂଲ୍ୟରତ୍ନ ସାହୁ, ରବିନ୍ଦ୍ର ପାଟଖଣ୍ଡାଳ, ରଶ୍ମିରଞ୍ଜନ ଦୋରା, ମନୋଜ ପାତ୍ର, ଶିବନାରାୟଣ ଗୌଡ, ଗୋପାଳ ଅଧିକାରୀ, ଉମାଶଙ୍କର ପାଢ଼ୀ, ଅଜୟ ରଥ, ବିଜୟ ମିଶ୍ର ପ୍ରମୁଖ ସାମିଲ୍ ହୋଇଥିଲେ ।




ଖବରଦାତାମାନେ ରାଲିରେ ଯାଉଛନ୍ତି ।

## ଗୁଣପୁର କଲେଜ ସଭାପତି ପଦ ପାଇଁ ୩ ପ୍ରାର୍ଥୀ

**ଗୁଣପୁର,୪।୧୦(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର କଲେଜ ଛାତ୍ର ସଂସଦ ନିର୍ବାଚନ ପାଇଁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବୁଧବାର ନାମାଙ୍କନ ପତ୍ର ଦାଖଲ ହୋଇଥିଲା । ନାମାଙ୍କନ ପତ୍ର ଯାଞ୍ଚ ପରେ ଗୁରୁବାର କାଏମ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିଲା । ଶେଷରେ ୩ ଜଣ ସଭାପତି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ରହିଛନ୍ତି। ସେମାନେ ହେଲେ ବଳିଆ ମହାନ୍ତି, ଗୋବର୍ଦ୍ଧନ ମିଶ୍ର ଏବଂ ଲକ୍ଷ୍ମୀପ୍ରିୟା ମାଣ୍ଡାଙ୍ଗି । ସେହିପରି ଉପସଭାପତି ପାଇଁ ଶ୍ରୀଧର ପାତ୍ର ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି । ସମ୍ପାଦକ ପାଇଁ ଦିଲେଶ୍ୱର ପାତ୍ର, ଗୋପାଳ ପଣ୍ଡା ଏବଂ ମୁନା ନିମାଲାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । ନାଟ୍ୟ ସଂସଦ ସଂପାଦକ ପାଇଁ ଭୁବନ ଶବର ଏବଂ ପ୍ରମୋଦ କୁମାର ପଣ୍ଡା, ଡିଏସଏ କମନ ରୁମ ସଂପାଦକ ଦିବ୍ୟ ଦେବାଶିଷ ଦୁବେ ଏବଂ ଜଦଶ ରାଇକା, ସାହିତ୍ୟ ସଂସଦ ସଂପାଦକ ପାଇଁ ଆଦିତ୍ୟ ମହାନ୍ତି ଏବଂ କେ. ସନମଖାଙ୍କ ମଧ୍ୟରେ ପ୍ରତଦ୍ୱନ୍ଦ୍ୱିତା ହେବ । କ୍ରିଡା ସଂପାଦକ ଭାବେ ବି.ସନ୍ଦିପ କମାର , ବିଜ୍ଞାନ ସଂସଦ ସଂପାଦକ ଭାବେ ସଞ୍ଜୟ କୁମାର ସାହୁ, ବାଣିଜ୍ୟ ସଂସଦ ସଂପାଦକ ଭାବେ ଜ୍ଞାନେଶ୍ୱର ନାୟକ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି । ସେହିପରି ସଭାପତି ପ୍ରାର୍ଥୀ ଲିଭିଙ୍ଗଷ୍ଟୋନ ଟାକିରିଙ୍କ ବୟସାଧିକ କାରଣରୁ ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି ।

## ଦୁର୍ଗାପୂଜା ନେଇ ଜୋର୍‌ସୋରରେ ଚାଲିଛି ପ୍ରସ୍ତୁତି

**ଟିକିରି,୪।୧୦(ଡ଼ି.ଏନ.ଏ)**

କାଶୀପୁର ବ୍ଲକରେ ବିଭିନ୍ନ ଦୁର୍ଗାମଣ୍ଡପରେ ଜଗଜ୍ଜନନୀଙ୍କ ଆବାହନ ନିମନ୍ତେ ଜୋରସୋରରେ ପ୍ରସ୍ତୁତି ଚାଲିଛି । ଫଳରେ ସହରରୁ ଗ୍ରାମ ଚଳଚଞ୍ଚଳ ହୋଇଉଠିଛି। କାରିଗରମାନେ ମୂର୍ତ୍ତି ତିଆରିରେ ମଧ୍ୟ ଲାଗିପଡ଼ିଛନ୍ତି । ଏଥିସହ ତୋରଣ କାର୍ଯ୍ୟ ଚାଲିଛି । ପୂଜାମଣ୍ଡପଗୁଡ଼ିକ ଆଲୋକମାଳାରେ ଝଲସି ଉଠିବ । ସ୍ଥାନୀୟ ଜଗନ୍ନାଥ ମନ୍ଦିର ପାଖରେ ମଧ୍ୟ ମା'ଙ୍କ ଆବାହନ ପାଇ ପ୍ରସ୍ତୁତି ଚାଲିଛି।

## ଖାଉଟି କାର୍ଡ ବଣ୍ଟନ




ବିଧାୟକ ତ୍ରିନାଥ ଗମାଙ୍ଗ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି ।

**ଗୁଣପୁର,୪।୧୦(ଡ଼ି.ଏନ.ଏ)**

ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନାରେ ଖାଉଟି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ଗୁଣପୁର ପୌରପରିଷଦ କାର୍ଯ୍ୟାଳୟଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଏଥିରେ ବିଧାୟକ ତ୍ରିନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଖାଉଟି କାର୍ଡ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦର ନିର୍ବାହୀ ଅଧିକାରୀ ଭାବଗ୍ରାହୀ ସାହୁ, ସହକାରୀ ଯୋଗାଣ ଅଧିକାରୀ ବଜେନ୍ଦ୍ର ନାୟକ, ସିଇଓ ସଙ୍ଗୀତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଗୁଣପୁର ବ୍ଲକ କାର୍ଯ୍ୟାଳୟଠାରେ ମଧ୍ୟ ଅନୁରୂପ ଭାବେ କାର୍ଯ୍ୟକ୍ରମ କରାଯାଇଥିଲା। ବିଧାୟକ ଗମାଙ୍ଗଙ୍କ ବ୍ୟତୀତ ଅଧ୍ୟକ୍ଷ ଦେବକୀ ଗମାଙ୍ଗ, ଉପାଧ୍ୟକ୍ଷ ଏସୋ ଶବର,ବିଡିଓ ଗାୟତ୍ରୀ ଦେବୀ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ, ସଭ୍ୟା ଲକ୍ଷ୍ମୀ ଶବର ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରକାଶ ପାଇଲା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

**ଛାତ୍ର ସଂସଦ ନିର୍ବାଚନ**
- ଆରମ୍ଭ ହେଲା ପ୍ରଚାର
- କଲେଜ ପରିସର ସରଗରମ

**ରାୟଗଡା ଅଫିସ, ୪।୧୦**

ଆସନ୍ତା ୧୧ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନ ପାଇଁ ବୁଧବାର ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟର ଆଶାୟୀମାନେ ସେମାନଙ୍କ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଗୁରୁବାର ୪ ତାରିଖ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଉକ୍ତ ପ୍ରାର୍ଥିପତ୍ର ଯାଞ୍ଚ କରାଯାଇ ପୂର୍ବାହ୍ନ ୧୧ଟାରେ ନାମ ପ୍ରକାଶ ପାଇଥିଲା। ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। କିଛି ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିବାପରେ ଅପରାହ୍ନ ୫ଟାରେ ୨ଟି ମହାବିଦ୍ୟାଳୟର ଚୂଡାନ୍ତ ପ୍ରାର୍ଥୀ ତାଲିକା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ପ୍ରକାଶ ପାଇଛି। ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଛାତ୍ର ସଂସଦ ସଭାପତି ଦୌଡରେ ପଙ୍କଜ କୁମାର ମାଝି, ରାହୁଲ ନାଏକ, ଉପସଭାପତି ଯଶବିନ୍ଦର ନାଏକ, ସାଧାରଣ ସମ୍ପାଦକ କମଳାକାନ୍ତ ସାହୁ, ସଦାନନ୍ଦ ପେଦେଣ୍ଟି, ଯୁଗ୍ମ ସମ୍ପାଦକ ସାଇକ୍ରିଷ୍ଣା ତାଡିଙ୍ଗୀ, ଡ୍ରାମାଟିକ୍ ସମ୍ପାଦକ ଭାବେ ମନୋଜ ନାଏକଙ୍କ ନାମ ଚୂଡାନ୍ତ ତାଲିକାରେ ପ୍ରକାଶ ପାଇଥିବା ନେଇ ମହାବିଦ୍ୟାଳୟର ନିର୍ବାଚନ ଅଧିକାରୀ ୱାଇ.ଭି ସାଇମାଧବ ସୂଚନା ଦେଇଛନ୍ତି। ସେହିପରି ମହିଳା ମହାବିଦ୍ୟାଳୟରେ ସଭାପତି ନିମନ୍ତେ ଅଞ୍ଜନା ଟାକ୍ରି, ଆଉତା କାଦ୍ରାକା, ଉପସଭାପତି ମଞ୍ଜୁଲତା ହାଲୁଆ, ସାଧାରଣ ସମ୍ପାଦିକା ନିମନ୍ତେ ସୁପ୍ରିୟା ନାଏକ, ହସ୍ତିନୀ କୁଶୁଲିଆ, ଯୁଗ୍ମ ସମ୍ପାଦକ ଭାବେ ମନୋପୁରମ୍ ପ୍ରିୟା ପ୍ରମୁଖଙ୍କ ନାମ ଚୂଡାନ୍ତ ତାଲିକାରେ ଥିବା ମହିଳା ମହାବିଦ୍ୟାଳୟର ନିର୍ବାଚନ ଅଧିକାରୀ ଡା. ଅର୍ଚ୍ଚନା ପଟ୍ଟନାୟକଙ୍କ ପକ୍ଷରୁ ସୂଚନା ମିଳିଛି। ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ହେବାପରେ କଲେଜ ପରିସର ସରଗରମ ହୋଇଉଠିଛି। ପ୍ରାର୍ଥୀମାନେ ସମର୍ଥକମାନଙ୍କ ସହିତ ଭୋଟ ହାତେଇବା ପାଇଁ ପ୍ରଚାର ଆରମ୍ଭ କରି ଦେଇଛନ୍ତି।

## ଶ୍ରମିକଙ୍କୁ ମିଳୁନି ପକ୍କାଘର

**ରାୟଗଡା ଅଫିସ୍, ୪।୧୦**



ଅଭିଯୋଗ କରିବାକୁ ଆସିଥିବା ଶ୍ରମିକମାନେ।

- ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ପହଞ୍ଚିଲେ ଶ୍ରମିକ
- ତାଲିମପ୍ରାପ୍ତ ଶ୍ରମିକଙ୍କୁ ମିଳିନି ଟଙ୍କା
- ୧୬୦ ଶ୍ରମିକଙ୍କୁ ଦିଆଯାଇନି ସାଇକେଲ

ସରକାରଙ୍କ ପକ୍ଷରୁ ଶ୍ରମିକଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନା କରାଯାଉଛି । ଶ୍ରମିକମାନଙ୍କୁ ପଞ୍ଜୀକରଣ କରାଯାଇ ସେମାନଙ୍କୁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଆଧାରରେ ଟଙ୍କା, ପକ୍କାଘର ଓ ଆସବାବ ପତ୍ର ପ୍ରଦାନ କରାଯାଉଛି । ହେଲେ ଶ୍ରମ ବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁ ଏଥିରେ ବ୍ୟତିକ୍ରମ ଘଟୁଛି । ଏହିଭଳି ଦେଖିବାକୁ ମିଳିଛି ରାୟଗଡା ଜିଲା କାଶୀପୁର ବ୍ଲକ୍ ସଦର ମହକୁମାର ଶ୍ରମିକମାନଙ୍କ ନିକଟରେ। ଦୀର୍ଘ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଶ୍ରମିକମାନେ ପଞ୍ଜୀକରଣ ପ୍ରମାଣପତ୍ର ପାଇଛନ୍ତି । ହେଲେ ବର୍ତ୍ତମାନ ସୁଦ୍ଧା ଏମାନଙ୍କୁ ସେମାନଙ୍କ ହକରୁ ବଞ୍ଚିତ କରାଯାଇଥିବା କାଶୀପୁର ଶ୍ରମିକ ସଂଘର ଶ୍ରମିକମାନେ ଅଭିଯୋଗ କରିଛନ୍ତି । କାଶୀପୁର ଅଞ୍ଚଳର ହରିଜନ ସାହି, ଗୌଡ ସାହି, ଆଦିବାସୀ ସାହି, ଲକ୍ଷ୍ମୀ ବଜାର, ଡୋକା ସାହି ଓ ସିରିଗୁଡା ସାହିର ୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ଆସି ଜିଲା ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଏହିଭଳି ଅଭିଯୋଗ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ, ୧୬୦ ଶ୍ରମିକଙ୍କୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ସାଇକେଲ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଦାନ କରାଯାଇନାହିଁ। ସେହିଭଳି ୫୧ ଜଣ ଶ୍ରମିକ ପକ୍କାଘର ପାଇଁ ଆବେଦନ କରିଥିଲେ ସୁଦ୍ଧା ତାହା ମଧ୍ୟ ମିଳିନାହିଁ । ଏଥିସହ ପଞ୍ଜୀକୃତ ହୋଇଥିବା ଶ୍ରମିକମାନଙ୍କୁ ସରକାରଙ୍କ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା । ତାଲିମ ପ୍ରଦାନ କରିବା ପରେ ସେମାନଙ୍କୁ ଶ୍ରମିକ ପିଛା ୩ ହଜାର ଟଙ୍କା ପ୍ରଦାନ କରାଯିବା କଥା । କିନ୍ତୁ ୩ ବର୍ଷ ବିତିଯାଇଥିଲେ ସୁଦ୍ଧା ସେମାନଙ୍କୁ ଏଥିରୁ ବଞ୍ଚିତ କରାଯାଇଛି । ସେହିଭଳି ଅଣପଞ୍ଜୀକୃତ ଶ୍ରମିକଙ୍କଠାରୁ ଏକ ଏନ୍‌ଜିଓ ସଂସ୍ଥା ତାଲିମ ପ୍ରଦାନ କରିବା ସକାଶେ ବେନିୟମ ଭାବେ ୧୫୦ଟଙ୍କା ଲେଖାଏଁ ନେଉଥିବା ସେମାନେ ଅଭିଯୋଗ କରିଛନ୍ତି । ତୁରନ୍ତ ଉକ୍ତ ସମସ୍ୟାର ସମାଧାନ କରିବା ପାଇଁ କାଶୀପୁର ଶ୍ରମିକ ସଂଘ ସଭାପତି ଦୟାନିଧି ନାୟକଙ୍କ ନେତୃତ୍ୱରେ ଶ୍ରମିକମାନେ ଦାବି କରିଛନ୍ତି। ତୁରନ୍ତ ଏହାର ସମାଧାନ ନ କରାଗଲେ ଆଗାମୀଦିନରେ ଶ୍ରମ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଏ ନେଇ ଜିଲା ଶ୍ରମ ଅଧିକାରୀ ପ୍ରଦୀପ କୁମାର ଭୋଇଙ୍କୁ ପଚାରିବାରୁ , ଶ୍ରମିକମାନେ ଯେଉଁ ସାଇକେଲ ପ୍ରଦାନ କରିବା ପାଇଁ ଦାବି କରୁଛନ୍ତି ତାହା ରାଜ୍ୟ ସରକାର ବର୍ତ୍ତମାନ ବନ୍ଦ କରି ଦେଇଛନ୍ତି। ଏଥିସହ କିଛି ଅଯୋଗ୍ୟ ବ୍ୟକ୍ତି ଜାଲ କରି ଶ୍ରମିକ କାର୍ଡ ପ୍ରାପ୍ତ କରିଛନ୍ତି । ସେମାନଙ୍କୁ ଚିହ୍ନଟ କରି ଶ୍ରମିକ ପକ୍କା ଘର ଓ ସେମାନଙ୍କ ତାଲିମ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ବିଜୁ ଯୁବବାହିନୀ ସ୍ୱଚ୍ଛ ଅଭିଯାନ କାର୍ଯ୍ୟକ୍ରମ



ପାଣ୍ଡ୍ରିପାଣି,୪।୧୦-ବିଜୁ ଯୁବବାହିନୀ ପକ୍ଷରୁ ମାଲକାନଗିରି ବ୍ଲକ ବୀରଲକ୍ଷ୍ମଣପୁର ପଞ୍ଚାୟତର ଖଡିକାଯୋଡି ଗ୍ରାମରେ ସ୍ୱଚ୍ଛ ଗ୍ରାମ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବବାହିନୀ ପକ୍ଷରୁ ରାଙ୍ଗିଣିଗୁଡାଠାରୁ ଖଡିକାଯୋଡି ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଛୋଟ ଛୋଟ ଗଛ ଓ ଘାସ କାଟି ସଫା କରାଯାଇଛି। ଗ୍ରାମରେ ଥିବା ନଳକୂପଗୁଡିକର ଚତୁଃ ପାର୍ଶ୍ୱରେ ଥିବା ମଇଳା ସଫା କରାଯାଇଛି। ଗ୍ରାମର ମହିଳା ଓ ପୁରୁଷମାନେ ଗ୍ରାମରେ ଥିବା ବିଦ୍ୟାଳୟ ଚତୁର୍ଦ୍ଦିଗ ସଫା କରିଛନ୍ତି । ବିଜୁ ଯୁବ ବାହିନୀର ସଭାପତି ରାମେଶ୍ୱର ପେଟିଆ, ସମ୍ପାଦକ ପର୍ଶୁରାମ ଖିଲ ଓ କୋଷାଧକ୍ଷ ଆନନ୍ଦ ପାଙ୍ଗି ଖଡିକାଯୋଡି ଗ୍ରାମବାସୀଙ୍କୁ ଗ୍ରାମର ସବୁ ଘରେ ପାଇଖାନା ନିର୍ମାଣ କରିବା, ମଶାରି ବ୍ୟବହାର କରିବା ନେଇ ପରାମର୍ଶ ଦେଇଛନ୍ତି। ବିଜୁ ଯୁବବାହିନୀର କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

### ହାଟରୁ ବାଇକ୍ ଚୋରି

ମାଲକାନଗିରି,୪।୧୦ (ଡି.ଏନ.ଏ.)- ମାଲକାନଗିରି ଜିଲା ସଦର ବ୍ଲକ ଶିଖ୍‌ପାଲି ସାପ୍ତାହିକ ହାଟରୁ ଏକ ବାଇକ୍ ଚୋରି ହୋଇଥିବା ଗୁରୁବାର ମାଲକାନଗିରି ଥାନାରେ ଅଭିଯୋଗ ହୋଇଛି। ଶିଖ୍‌ପାଲି ଶହୀଦ୍ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଦୀନବନ୍ଧୁ ଗେଜବ୍ ତାଙ୍କ ବାଇକ୍ (ସି.ଜି ୧୭ କେ.ଡି-୦୮୯୦)କୁ ହାଟରେ ହ୍ୟାଣ୍ଡେଲ ଲକ୍ କରି ରଖି ସାମଗ୍ରୀ କିଣିବାକୁ ଯାଇଥିଲେ । ସାମଗ୍ରୀ ଧରି ଆସି ଦେଖିବା ବେଳକୁ ତାଙ୍କ ଗାଡି ନାହିଁ। ଅନେକ ଖୋଜା ଖୋଜି ପରେ ଗାଡି ନ ମିଳିବାରୁ ସେ ଗୁରୁବାର ଏନେଇ ମାଲକାନଗିରି ଥାନାରେ ଏତଲା ଦେଇଛନ୍ତି । ପୋଲିସ ତାର ତଦନ୍ତ ଜାରି ରଖିଛି।

# ଭୂତକୋଠି ପାଲଟିଛି ହଷ୍ଟେଲ ଗୃହ

**ପୁଟ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

**ଜରାଜୀର୍ଣ୍ଣ କ୍ଲଷ୍ଟର ଘରେ ଆଶ୍ରୟ ନେଇଛନ୍ତି ଛାତ୍ର**

ମାଥିଲି, ୫।୧୦ (ଡି.ଏନ.ଏ)–

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଟେମୃପାଲି ପଞ୍ଚାୟତ ଅଧୀନ କଂସାରିପୁଟ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହଷ୍ଟେଲ ଗୃହ ଭୂତକୋଠି ପାଲଟିଛି । ଜରାଜୀର୍ଣ୍ଣ ଅବସ୍ଥାରେ ଥିବା କ୍ଲଷ୍ଟର ଘରେ ଛାତ୍ରମାନେ ଆଶ୍ରୟ ନେଇଛନ୍ତି । ଦୀର୍ଘ ବର୍ଷରୁ ଛାତ୍ରମାନେ ଏପରି ସମସ୍ୟାରେ ପଡି ଅସୁବିଧା ଭୋଗୁଥିବା କହିଛନ୍ତି । କଂସାରିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ପାଇଁ ସୁବିଧା ଅଛି । ଏଥିରେ ୧୮୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ଏଥିରୁ ୪୦ ଜଣ ଛାତ୍ରଙ୍କ ପାଇଁ ହଷ୍ଟେଲ ସୁବିଧା ରହିଛି । ଗତ ୧୦ ବର୍ଷ ପୂର୍ବେ ଛାତ୍ରମାନଙ୍କ ପାଇଁ ଟିଣ ଛପର ହଷ୍ଟେଲ ଗୃହ ନିର୍ମାଣ ହୋଇଥିଲା । ନିମ୍ନମାନର କାମ ହୋଇଥିବାରୁ ଟିଣ ଫାଟି ଯାଇଥିଲା । ବର୍ଷା ହେଲେ ପାଣି ଗଳି ସମସ୍ୟା ସୃଷ୍ଟି ହୋଇଥିଲା । ଛାତ୍ରମାନେ ସେହି ସମୟରେ ନୂତନ ଭାବେ ହୋଇଥିବା କ୍ଲଷ୍ଟର ବିଲଡିଂରେ ଆଶ୍ରୟ ନେଇଥିଲେ । ବାରମ୍ବାର ହଷ୍ଟେଲ ଗୃହ ନିର୍ମାଣ କରିବାକୁ ଦାବି କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏବେ କ୍ଲଷ୍ଟର ଗୃହ ମଧ୍ୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ପୂର୍ବରୁ ଥିବା ହଷ୍ଟେଲ ଗୃହ ବ୍ୟବହାର ନ ହୋଇ ଭୂତକୋଠି ପାଲଟିଥିବାବେଳେ କ୍ଲଷ୍ଟର ଗୃହର ଅବସ୍ଥା ମଧ୍ୟ ଦୟନୀୟ ହେଲାଣି। କ୍ଲଷ୍ଟର ଗୃହର ଚଟାଣ ବାହାରି ପଡୁଛି । ତଳେ ଶୋଇବାକୁ ଛାତ୍ରମାନେ ଠିକ ମଣୁ ନାହାନ୍ତି । ଏପରିସ୍ଥଳେ ରାତିରେ ସମସ୍ୟା ଭୋଗୁଛନ୍ତି । ରାତିରେ ଗୋଟିଏ ବେଡ୍‌ରେ ୨ଜଣ କଷ୍ଟରେ ଶୋଉଛନ୍ତି ବୋଲି ଛାତ୍ରମାନେ କହିଛନ୍ତି। ଏଥିସହିତ ବିଦ୍ୟାଳୟରେ ଗୋଟିଏ ମାତ୍ର ନଳକୂପ ରହିଛି । ନଳକୂପରେ ପିଇବାକୁ ଭଲ ପାଣି ବାହାରୁ ନ ଥିବାରୁ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶ୍ରେଣୀ ଗୃହର ଅଭାବ , ଆବଶ୍ୟକ ଶିକ୍ଷକ ନ ଥିବା ସମ୍ପର୍କରେ ବ୍ଲକ ପ୍ରଶାସନକୁ ଲିଖିତ ଭାବେ ଅବଗତ କରିଛନ୍ତି। ବିଦ୍ୟାଳୟର ଅନେକ ସମସ୍ୟା ସମ୍ପର୍କରେ ବ୍ଲକ ପ୍ରଶାସନକୁ ଅବଗତ କରାଇଥିବା ପ୍ରଧାନଶିକ୍ଷକ ପୁରୁଷୋତ୍ତମ ବେହେରା କହିଛନ୍ତି । ତେବେ ବିଦ୍ୟାଳୟ ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ସମସ୍ୟାରେ ରହୁଥିବା ଛାତ୍ରମାନେ ।

**ସମ୍ପୂର୍ଣ୍ଣ ହିଂସା ମୁକ୍ତ ଓଡ଼ିଶା ଅଭିଯାନର ଯୋଜନା**

# ମାଓବାଦୀ ମୁକାବିଲା ପାଇଁ ଗଠନ ହେବ ମହିଳା ମୋର୍ଚ୍ଚା

ମାଲକାନଗିରି,୪।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ଭଳି ରାଜ୍ୟର ମାଓବାଦୀ ଅଧ୍ୟୁଷିତ ଜିଲାରେ ମାଓବାଦୀଙ୍କ ମୁକାବିଲା ପାଇଁ ଏକ ମହିଳା ମୋର୍ଚ୍ଚା ଗଠନ ପାଇଁ ସମ୍ପୂର୍ଣ୍ଣ ହିଂସା ମୁକ୍ତ ଓଡ଼ିଶା ଅଭିଯାନ ନିଷ୍ପତ୍ତି ନେଇଛି । ସମସ୍ତ ମାଓବାଦୀ ସକ୍ରିୟ ଥିବା ଜିଲାରେ ଏହି ମୋର୍ଚ୍ଚା କାର୍ଯ୍ୟ କରିବ ବୋଲି ଅଭିଯାନ ପକ୍ଷରୁ କୁହାଯାଇଛି । ଏହାର ରାଜ୍ୟ ମୁଖ୍ୟ ଭାବେ ଶାନ୍ତି ଗୋଲରୀ ନିଯୁକ୍ତ ହୋଇଛନ୍ତି । ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିବା ଗରିବ ନିରୀହ ମହିଳା, ବାଳିକାମାନଙ୍କୁ ଶାନ୍ତି ପ୍ରକ୍ରିୟାରେ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା, ଜିଲାର ବିକାଶରେ ମହିଳାମାନଙ୍କୁ ସାମିଲ କରିବା, ମାଓବାଦୀ ସଙ୍ଗଠନରେ ମାଓବାଦୀ ନେତାଙ୍କ ଦ୍ୱାରା ମହିଳା କ୍ୟାଡରଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଶାରୀରିକ ଶୋଷଣରୁ ସେମାନଙ୍କୁ ରକ୍ଷା କରିବା ଏହି ଅଭିଯାନର ମଖ୍ୟ ଲକ୍ଷ୍ୟ ବୋଲି ଏହାର ଆବାହକ ଭରତ ଭୂଷଣ ପ୍ରକାଶ କରିଛନ୍ତି । ସଙ୍ଗଠନକୁ ତୃଣମୂଳ ସ୍ତରରୁ କିପରି ମଜଭୁତ୍ କରାଯିବ ସେ ଦିଗରେ ମହିଳା ମୋର୍ଚ୍ଚା କାର୍ଯ୍ୟ କରିବ । ବିଶେଷ ଭାବେ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ପୋଲିସ ଇନଫର୍ମର ହତ୍ୟାର ଶିକାର ହେଉଥିବା ବ୍ୟକ୍ତିଙ୍କ ସ୍ତ୍ରୀଙ୍କୁ ମୋର୍ଚ୍ଚା ବିଭିନ୍ନ ପ୍ରକାର ସହଯୋଗ ପ୍ରଦାନ କରିବ ବୋଲି ଆବହାକ ଭୂଷଣ ସୂଚନା ଦେଇଛନ୍ତି ।

**ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ**

# ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା

ବାଲିମେଳା, ୪।୧୦

ମାଲକାନଗିରି ଜିଲା ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନରେ ପ୍ରାର୍ଥୀପତ୍ର ଦାଖଲ ବୁଧବାର ଶେଷ ହୋଇଥିଲା। ଗୁରୁବାର ପୂର୍ବାହ୍ନ ୧୧ଟା ରେ ଯାଞ୍ଚ କରାଯାଇ ଚୂଡାନ୍ତ ତାଲିକା ଘୋଷଣା କରାଯାଇଛି । ସଭାପତି ପାଇଁ ୩ଜଣ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଚୂଡାନ୍ତ ବେଳେ ୨ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି। ଫଳରେ ସଭାପତି ଭାବେ ଜଣେ ପ୍ରାର୍ଥୀ ଶିବବ୍ରତ ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସେହିପରି ସାଧାରଣ ସମ୍ପାଦକ ପାଇଁ ୪ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ସେଥିରୁ ୨ଜଣଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ । ସେମାନେ ହେଲେ ଯୁକ୍ତ ୩ର ଗଣେଶ ଚନ୍ଦ୍ର ରାଉତରା ଏବଂ ଦେବସୁନା ବାସିଆ । ଅନ୍ୟାନ୍ୟ ବିଭାଗରେ ଦାଖଲ ହୋଇଥିବା ସମସ୍ତ ପ୍ରାର୍ଥୀପତ୍ର ନାକଚ ହୋଇଯାଇଥିବା ଜଣାପଡିଛି । ଲିଙ୍ଗଡୋ କମିଶନଙ୍କ ନିୟମନୁସାରେ ଯେଉଁ ଛାତ୍ରୀଛାତ୍ରଙ୍କ ୭୫ ପ୍ରତିଶତ ଉପସ୍ଥାନ ନ ଥିବ ସେମାନଙ୍କର ପ୍ରାର୍ଥୀପତ୍ର ନାକଚ ହେବ। ଚୂଡାନ୍ତ ପ୍ରାର୍ଥୀପତ୍ର ଘୋଷଣା ସମୟରେ ଓର୍କେଲ ଥାନା ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।



# ବସଷ୍ଟାଣ୍ଡ ନିକଟରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବାଲିମେଳା,୪।୧୦(ଡ଼ି.ଏନ.ଏ)

ବାଲିମେଳା ପୁରୁଣା ବସଷ୍ଟାଣ୍ଡ ନିକଟରୁ ଜଣେ ଅସହାୟ ବୃଦ୍ଧଙ୍କ ମୃତଦେହ ଓର୍କେଲ ପୋଲିସ ଉଦ୍ଧାର କରିଛି । ସେ ହେଲେ ବଲାଙ୍ଗୀର ଅଞ୍ଚଳର ପହିଲି ଜଗଦଳା (୯୫)। ଏହି ବୃଦ୍ଧ ଜଣକ ୩ ବର୍ଷ ପୂର୍ବରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ମାଳି ଭାବେ କାମ କରୁଥିଲେ। ସେ ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ଗୋଟିଏ ଦୋକାନ ବାରଣ୍ଡାରେ ରହି ଆସୁଥିଲେ । ତାଙ୍କର କେହି ନ ଥିବାରୁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ତାଙ୍କୁ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ଓ ଆହାର କେନ୍ଦ୍ରରେ ମାଗଣା ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା । କିଛି ଦିନ ହେଲା ସେ ଅସୁସ୍ଥ ଥିବାରୁ କିଛି ଖାଦ୍ୟ ଖାଉ ନ ଥିଲେ । ଗତ ବୁଧବାର ରାତି ୯ଟାରେ ଜଣେ ଦୋକାନୀ ପାଣି ଦେବା ପାଇଁ ଡ଼ାକିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଏନେଇ ସେ ସ୍ଥାନୀୟ ଲୋକ ଓ ପୋଲିସକୁ ଜଣାଇଥିଲେ ।

**ଆଇନ୍ ସେବା ପ୍ରାଧିକରଣର ପଦକ୍ଷେପ**

# ଥଇଥାନ ସହ ପାଠପଢା ସୁଯୋଗ ପାଇଲେ ଅନାଥ ଶିଶୁ

ମାଲକାନଗିରି,୪।୧୦ (ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମା ଆଶୀର୍ବାଦ୍ କଲୋନୀରେ ରହୁଥିବା ସ୍ୱର୍ଗତ ଶୁକ୍‌ଲାଲ ମାଛା ଓ ଲକ୍ଷ୍ମୀ ମାଛାଙ୍କ ୪ ବର୍ଷ ପୂର୍ବରୁ ପରଲୋକ ହୋଇଯାଇଥିଲା। ସେମାନଙ୍କର ୧୪ ବର୍ଷର ଝିଅ ମୁନି ମାଛା, ୧୧ ବର୍ଷର ପୁଅ ସୁରେନ୍ଦ୍ର ମାଛା ଓ ୫ ବର୍ଷର ପୁଅ ନରେନ୍ଦ୍ର ମାଛା ବାପା ମାଆ ଛେଉଣ୍ଡ ହୋଇ ଯାଇଥିଲେ । ସେହିପରି ଏହି କଲୋନୀର ପ୍ରିୟଙ୍କା ଗୋଲରୀ (୯) ନିଜ ମାଆବାପାଙ୍କୁ ହରାଇ ଭିକ୍ଷା ବୃତ୍ତି କରି ନିଜ ଅଜାଙ୍କ ନିକଟରେ ରହୁଥିଲେ । ଘଟଣା ସ୍ୱେଚ୍ଛାସେବୀ ବିଜୟ କୁମାର ମହାରଣାଙ୍କ ନଜରକୁ ଆସିବା ପରେ ସେ ଜିଲା ଆଇନ୍ ସେବା ପ୍ରାଧିକରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଇନ୍ ସେବା ପ୍ରାଧିକରଣ ସଚିବ ଅମରେଶ ନାୟକ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଉପରୋକ୍ତ ପିଲାମାନଙ୍କ ଥଇଥାନ ପାଇଁ ପ୍ରାଧିକରଣ ଅଧ୍ୟକ୍ଷ ମାନସ କୁମାର ମିଶ୍ରଙ୍କ ସହ ଆଲୋଚନା କରି ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକଙ୍କୁ ଏ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପଟ୍ଟନାୟକ ଏହି ଶିଶୁମାନଙ୍କୁ ହାଇଟେକ୍ କଲୋନୀସ୍ଥିତ ଚାଇଲ୍ଡ ଲାଇନ୍ କ୍ୟାର ଦ୍ୱାରା ପରିଚାଳିତ ଶିଶୁ ଆଶ୍ରମରେ ରଖିବା ସହ ସେମାନଙ୍କ ଖାଦ୍ୟପେୟ ଓ ପାଠପଢା ବ୍ୟବସ୍ଥା କରିଛନ୍ତି ।



ଆଇନସେବା ପ୍ରାଧିକରଣ ଦ୍ୱାରା ଥଇଥାନ ହୋଇଥିବା ଶିଶୁମାନେ ।



